visit us at
www.paryabekhyak.com

सम्पूर्ण ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯ୍ୟବେକ୍ଷକ

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak

Vol.25 . No.199 Bhubaneswar Friday September 16 2022 | ୨୫ତମ ବର୍ଷ ସଂଖ୍ୟା–୧୯୯ ଭୁବନେଶ୍ୱର, ଶୁକ୍ରବାର, ସେପ୍ଟେମ୍ବର ୧୬, ୨୦୨୨ ୨୮.୦୦ (୮ ପୃଷ୍ଠା) ମୂଲ୍ୟ–୧.୫୦ ₹ 1.50 (Air Surcharge - 0.50P) Member-INS

## ନୂଆ ଭୂମିକାରେ ପାଣ୍ଡିଆନ: ମୁଖ୍ୟମନ୍ତ୍ରୀଙ୍କୁ ପଚାରିଲେ ପ୍ରଶ୍ନ, ଭାଇରାଲ ହେଲା ଉତ୍ତର



ଭୁବନେଶ୍ୱର ,୧୫।୯(ପି.ଏନ): ବିଜେଡି ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବ୍ୟକ୍ତିଗତ ସଚିବ ଆଇଏଏସ୍ ଭିକେ ପାଣ୍ଡିଆନଙ୍କ ଏକ ନୂଆ ଭୂମିକାକୁ ନେଇ ଆଜି ସୋସିଆଲ ମିଡିଆରେ ଚର୍ଚ୍ଚା ଜୋର୍ ଧରିଛି । ଶ୍ରୀ ପାଣ୍ଡିଆନ ପ୍ରଶାସକରୁ ସାମ୍ବାଦିକ ପାଲଟି ମୁଖ୍ୟମନ୍ତ୍ରୀଙ୍କୁ ପ୍ରଶ୍ନ କରିଛନ୍ତି । ଆଉ ତା'ର ଉତ୍ତର ମଧ୍ୟ ମୁଖ୍ୟମନ୍ତ୍ରୀ ଦେଉଛନ୍ତି । ଏଭଳି ଏକ ଭିଡିଓ ବିଜେଡି ଡିଜିଟାଲ ଟିମ୍ ପକ୍ଷରୁ ସୋସିଆଲ ମିଡିଆରେ ଜୋରସୋରରେ ଭାଇରାଲ ହେଉଥିବା ଦେଖିବାକୁ ମିଳିଛି । ତେବେ ସାମ୍ବାଦିକ ଓ ଗଣମାଧ୍ୟମର ପ୍ରଶ୍ନରୁ ଅଧିକାଂଶ ସମୟରେ ଦୂରେଇ ରହୁଥିବା ତଥା ସାମ୍ବାଦିକଙ୍କୁ କ୍ୱଚିତ୍ ଉତ୍ତର ଦେଉଥିବା ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ କ'ଣ ନିଜ କଥା ନିଜେ କୁହାଇବା ପାଇଁ ସାମ୍ବାଦିକଙ୍କ ପରିବର୍ତ୍ତେ ? ନିଜର ବ୍ୟକ୍ତିଗତ ସଚିବଙ୍କୁ ଚୟନ କରିଛନ୍ତି କି ବୋଲି ଚର୍ଚ୍ଚା ଆରମ୍ଭ ହୋଇଛି । ବିଜେଡି ଡିଜିଟାଲ ଟିମ୍ ପକ୍ଷରୁ ଆଜି ସୋସିଆଲ ମିଡିଆରେ ଭାଇରାଲ ହେଉଥିବା ୨୫ ସେକେଣ୍ଡର ଭିଡିଓରେ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକଙ୍କୁ ତାଙ୍କ ବ୍ୟକ୍ତିଗତ ସଚିବ ଶ୍ରୀ ପାଣ୍ଡିଆନ ପ୍ରଶ୍ନ କରୁଛନ୍ତି । ମୁଖ୍ୟମନ୍ତ୍ରୀ ବି ନିଜ ଚିରାଚରିତ ଢଙ୍ଗରେ ଉତ୍ତର ଦେଉଛନ୍ତି । ମୁମ୍ବାଇର ପଂଚତାରକା ହୋଟେଲରେ ଏହି ଭିଡିଓ ସୁଟିଂ ହୋଇଛି ।ତେବେ ମୁଖ୍ୟମନ୍ତ୍ରୀଙ୍କ ସହ ତାଙ୍କ ବ୍ୟକ୍ତିଗତ ସଚିବଙ୍କ ଏହି କଥାବର୍ତ୍ତାର ଭିଡିଓକୁ ବିଜେଡି ଡିଜିଟାଲ ୱିଙ୍ଗ ପକ୍ଷରୁ କାହିଁକି ଭାଇରାଲ କରାଯାଉଛି ? ଗଣମାଧ୍ୟମ ସମ୍ମୁଖରେ କ୍ୱଚିତ୍ ପ୍ରତିକ୍ରିୟା ଦେଉଥିବା ମୁଖ୍ୟମନ୍ତ୍ରୀଙ୍କ ଏଭଳି ପ୍ରାୟୋଜିତ ଭିଡିଓକୁ ଭାଇରାଲ କରାଯିବାର ଉଦ୍ଦେଶ୍ୟ କ'ଣ ? ସୁରକ୍ଷା ଦୃଷ୍ଟିରୁ ମୁମ୍ବାଇର ହୋଟେଲରେ ମୁଖ୍ୟମନ୍ତ୍ରୀଙ୍କ ରହଣୀ ଅତ୍ୟନ୍ତ ସମ୍ବେଦନଶୀଳ ହୋଇଥିବାବେଳେ ତାଙ୍କ ବ୍ୟକ୍ତିଗତ ସଚିବଙ୍କ ମଧ୍ୟରେ କଥାବାର୍ତ୍ତାକୁ କିଏ ରେକର୍ଡ କଲା ଓ ତାକୁ ଭାଇରାଲ କରିବାକୁ କିଏ ଅନୁମତି ଦେଲା, ତାହା ବି ଚର୍ଚ୍ଚାର ପ୍ରସଙ୍ଗ ପାଲଟିଛି । ଯଦି ବାସ୍ତବରେ ମୁଖ୍ୟମନ୍ତ୍ରୀ ନିଜର ମନ କଥା ଲୋକଙ୍କ ଆଗରେ ରଖିବାକୁ ଚାହୁଁଛନ୍ତି ଅବା ସେ ଯାହା କରୁଛନ୍ତି ତାହା ଓଡିଶାର ଲୋକେ ଜାଣିବା ଦରକାର ବୋଲି ଅନୁଭବ କରୁଛନ୍ତି ତା'ହେଲେ ନିଜସ୍ୱ ଗଣମାଧ୍ୟମ (ବିଜେଡି ବିଧାୟକଙ୍କ ମାଲିକାନାରେ ଥିବା ସଂସ୍ଥା)କୁ ସାକ୍ଷାତକାର ଦେଇ ଏହି ତଥ୍ୟ ରଖିପାରନ୍ତେ ।ଅବଶ୍ୟ ମୁଖ୍ୟମନ୍ତ୍ରୀ ନିଜର ମନ କଥା ଅବା ଚାହୁଁଥିବା କଥାକୁ ଗଣମାଧ୍ୟମ ଓ ଲୋକଙ୍କ ସମ୍ମୁଖରେ ରଖିବା ନିମନ୍ତେ ଗତ କିଛିବର୍ଷ ଧରି କେବଳ ନିଜ ବ୍ୟକ୍ତିଗତ ସଚିବଙ୍କ ଉପରେ ଭରସା କରୁଛନ୍ତି । ଏକଥା ଏକ ସରକାରୀ ସମୀକ୍ଷା ବୈଠକରେ ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ଶ୍ରୀ ପାଣ୍ଡିଆନ ନିଜେ ସ୍ପଷ୍ଟ କରାଇଥିଲେ ।ଉଲ୍ଲେଖଯୋଗ୍ୟ, ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ୨୦୧୯ ଡିସେମ୍ବର ୩୦ତାରିଖରେ ଏକ ସମୀକ୍ଷା ବୈଠକ କରୁଥିବାବେଳେ ତାଙ୍କ ବ୍ୟକ୍ତିଗତ ସଚିବ ଶ୍ରୀ ପାଣ୍ଡିଆନ ହିଁ ପୁରୀ ଶ୍ରୀଜଗନ୍ନାଥ ମନ୍ଦିର ପରିକ୍ରମା ପ୍ରକଳ୍ପ ଚିନ୍ତାଧାରା ମୁଖ୍ୟମନ୍ତ୍ରୀଙ୍କ ମନକୁ କିଭଳି ଓ କେବେଠୁ ଆସିଲା ତାହା ସାର୍ବଜନୀନ କରିଥିଲେ । ସେ କହିଥିଲେ ଯେ, ୨୦୧୬ ଜାନୁୟାରୀ ପହିଲାରେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଦର୍ଶନ ପାଇଁ ଯିବାବେଳେ ରାସ୍ତାକଡରେ ଥିବା ମହାପ୍ରଭୁଙ୍କ ସମସ୍ତ ଫଟୋଚିତ୍ରକୁ ମୁଖ୍ୟମନ୍ତ୍ରୀ ହାତଯୋଡି ନମସ୍କାର କରିବା, ମନ୍ଦିରରେ ମହାପ୍ରଭୁଙ୍କ ଦର୍ଶନବେଳେ ସେ ମୁଖ୍ୟମନ୍ତ୍ରୀଙ୍କ ଏକ ନୂଆ ରୂପ ଦେଖିବାର ସୁଯୋଗ ପାଇଥିଲେ ତଥା ମୁଖ୍ୟମନ୍ତ୍ରୀ ହିଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର ସବୁଠୁ ବଡ ଭକ୍ତ ବୋଲି ଉକ୍ତ ସମୀକ୍ଷା ବୈଠକରେ ଶ୍ରୀ ପାଣ୍ଡିଆନ ପ୍ରକାଶ କରିଥିଲେ । ଯାହାକି ସେତେବେଳେ ଗଣମାଧ୍ୟମରେ ବେଶ୍ ଚର୍ଚ୍ଚାର ବିଷୟ ପାଲଟିଥିଲା ।

## ପ୍ରଥମ ପର୍ଯ୍ୟାୟରେ ଓଡିଶାରେ ଲଂଚ୍ ହେବ ୫ଜି ସେବା : ଅଶ୍ୱିନୀ ବୈଷ୍ଣବ



ଭୁବନେଶ୍ୱର,୧୫।୯(ପି.ଏନ): ଦେଶରେ ପ୍ରଥମ ପର୍ଯ୍ୟାୟରେ ୧୩ଟି ସହରରେ ୫ଜି ଇଂଟରନେଟ୍ ସେବା ଆରମ୍ଭ ପାଇଁ ନିଷ୍ପତ୍ତି ନେଇଥିବା କେନ୍ଦ୍ର ସରକାର ଓଡିଶାରେ ମଧ୍ୟ ଏହି ସେବାକୁ ଆରମ୍ଭ କରିବେ ବୋଲି ଆଜି ସୂଚନା ଦେଇଛନ୍ତି । ତେବେ ଫାଇଭ-ଜି(୫ଜି) ସେବା ପ୍ରଥମ ପର୍ଯ୍ୟାୟରେ ୧୩ଟି ସହର ଆରମ୍ଭ ହେବ ବୋଲି କେନ୍ଦ୍ର ସରକାର ନିଷ୍ପତ୍ତି ନେଇଥିଲେ ଓ ସେଥିରେ ଓଡିଶାର କୌଣସି ସହର ସାମିଲ ନଥିଲା ।କେନ୍ଦ୍ର ରେଳ, ଟେଲିକମ୍ , ସୂଚନା ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଆଜି ପୁରୀରେ ବିଜେପିର ୩ଦିନିଆ ପ୍ରଶିକ୍ଷଣ ଶିବିରର ଉଦଯାପନୀ କାର୍ଯ୍ୟକ୍ରମରେ ସାମିଲ ହେବାକୁ ଆସିଥିବାବେଳେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ଏହି ସୂଚନା ଦେଇଛନ୍ତି । ସେ କହିଛନ୍ତି ଯେ, ପ୍ରଥମ ପର୍ଯ୍ୟାୟ ୫ଜି ଟେଲିକମ୍ ନେଟୱାର୍କ ସେବା ଆରମ୍ଭ ବେଳେ ତାହା ଓଡିଶାରେ ମଧ୍ୟ ଆରମ୍ଭ ହେବ । କେନ୍ଦ୍ର ଟେଲି ଯୋଗାଯୋଗ ମନ୍ତ୍ରଣାଳୟ ଏହି ୫ଜି ସେବା ଆରମ୍ଭ କରିବା ନିମନ୍ତେ ଜୋରସୋରରେ କାର୍ଯ୍ୟ କରୁଛି । ୫ଜି ସେବାରେ ବିକିରଣ ଅଧିକ ରହିବାର ଆଶଙ୍କାକୁ ଖଣ୍ଡନ କରି ଶ୍ରୀ ବୈଷ୍ଣବ କହିଥିଲେ ଯେ, ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଦ୍ୱାରା ନିର୍ଦ୍ଧାରିତ ପରିମାଣଠୁ ୧୦ଗୁଣ କମ୍ ବିକିରଣ ୫ଜି ସେବାରେ ହେବ ।ଉଲ୍ଲେଖଯୋଗ୍ୟ, କେନ୍ଦ୍ର ଟେଲି ଯୋଗାଯୋଗ ମନ୍ତ୍ରଣାଳୟ ଦେଶରେ ପ୍ରଥମ ପର୍ଯ୍ୟାୟରେ ୫ଜି ସେବା ୧୩ଟି ସହରରେ ଯୋଗାଇ ଦେବାକୁ ନିଷ୍ପତ୍ତି ନେଇଥିଲା । ଏସବୁ ସହରଗୁଡିକ ହେଲା ଗୁଜୁରାଟର ଅହମ୍ମଦାବାଦ, ଗାନ୍ଧିନଗର ଓ ଜାମନଗର, ହରୟାଣାର ଗୁରୁଗ୍ରାମ ଓ ଚଣ୍ଡିଗଡ, କର୍ଣ୍ଣାଟକର ବାଙ୍ଗାଲୁରୁ, ତାମିଲନାଡୁର ଚେନ୍ନାଇ, ଉତ୍ତରପ୍ରଦେଶର ଲକ୍ଷ୍ନୌ, ଦିଲ୍ଲୀ, ତେଲେଙ୍ଗାନାର ହାଇଦ୍ରାବାଦ, ପଶ୍ଚିମବଙ୍ଗର କୋଲକାତା, ମହାରାଷ୍ଟ୍ରର ମୁମ୍ବାଇ ଓ ପୁଣେ ସହରରେ ପ୍ରଥମ ପର୍ଯ୍ୟାୟରେ ୫ଜି ସେବା ଆରମ୍ଭ ପାଇଁ ନିଷ୍ପତ୍ତି ହୋଇଥିଲା ।କେନ୍ଦ୍ର ଟେଲିକମ୍ ମନ୍ତ୍ରୀ ଶ୍ରୀ ବୈଷ୍ଣବ ଓଡିଶାର ରାଜ୍ୟସଭା ସାଂସଦ ହୋଇଥିବାବେଳେ ପ୍ରଥମ ପର୍ଯ୍ୟାୟ ୫ଜି ସେବା ଆରମ୍ଭ ତାଲିକାରେ ଓଡିଶାର କୌଣସି ସହର ସାମିଲ ନହେବାକୁ ନେଇ ରାଜ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା । ମାତ୍ର ଆଜି ମନ୍ତ୍ରୀ ଶ୍ରୀ ବୈଷ୍ଣବଙ୍କ ସୂଚନା ରାଜ୍ୟବାସୀଙ୍କ ପାଇଁ ଖୁସି ଖବର ଆଣିଦେଇଛି ।ସୂଚନାଯୋଗ୍ୟ, ୫ଜି ସେବା ଆରମ୍ଭ ହେବାପରେ ଗ୍ରାହକମାନେ ୧୦ଗୁଣ ସ୍ପିଡରେ(୪ଜି ତୁଳନାରେ) ଇଂଟରନେଟ ଉପଯୋଗ କରିପାରିବେ ।

## ଅକ୍ଟୋବର ୧ରୁ ଗାଡିରେ ହାଇ ସିକ୍ୟୁରିଟି ରେଜିଷ୍ଟ୍ରେସନ ନମ୍ବର ପ୍ଲେଟ ଯାଂଚ କଡାକଡି

ଭୁବନେଶ୍ୱର,୧୫।୯(ପି.ଏନ): ଆସନ୍ତା ଅକ୍ଟୋବର ୧ ରୁ ଗାଡିରେ ହାଇ ସିକ୍ୟୁରିଟି ରେଜିଷ୍ଟ୍ରେସନ ନମ୍ବର ପ୍ଲେଟ ଯାଂଚ କଡାକଡି ହେବ । ଏ ନେଇ ରାଜ୍ୟ ପରିବହନ କର୍ତ୍ତୃପକ୍ଷଙ୍କ ତରଫରୁ ସୂଚନା ଦିଆଯାଇଛି । ଏପ୍ରିଲ ୦୧, ୨୦୧୯ ପୂର୍ବରୁ ପଞ୍ଜୀକୃତ ହୋଇଥିବା ପୁରୁଣା ଗାଡ଼ି ଗୁଡ଼ିକ ହାଇ ସିକ୍ୟୁରିଟି ରେଜିଷ୍ଟ୍ରେସନ ନମ୍ବର ପ୍ଲେଟ ନ ଲଗେଇଲେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ୫ ହଜାର ରୁ ୧୦ ହଜାର ଟଙ୍କାର ଜୋରିମାନା ମଧ୍ୟ ଆଦାୟ କରାଯିବ ।ଚଳିତ ମାସ ୩୦ ପର୍ଯ୍ୟନ୍ତ ସମୟସୀମା ବୃଦ୍ଧି କରାଯାଇ ଏପ୍ରିଲ ୦୧, ୨୦୧୯ ପୂର୍ବରୁ ପଞ୍ଜୀକୃତ ହୋଇଥିବା ପୁରୁଣା ଗାଡ଼ି ଗୁଡ଼ିକୁ ହାଇ ସିକ୍ୟୁରିଟି ରେଜିଷ୍ଟ୍ରେସନ ନମ୍ବର ପ୍ଲେଟ ଲଗେଇବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା । ଯେଉଁମାନଙ୍କ ଗାଡିର ଶେଷ ନମ୍ବର ୧,୨,୩ କିମ୍ବା ୪ ସେମାନଙ୍କ ପାଇଁ ହାଇ ସିକ୍ୟୁରିଟି ରେଜିଷ୍ଟ୍ରେସନ ନମ୍ବର ପ୍ଲେଟ୍ ଲଗାଇବାର ଶେଷ ତାରିଖ ୩୦ ସେପ୍ଟେମ୍ବର ରହିଛି । ୨୦୧୯ ଏପ୍ରିଲ ୧ ତାରିଖ ପୂର୍ବରୁ ପଞ୍ଜିକୃତ ଗାଡ଼ି ପାଇଁ ଗତ ଜୁନ ପହିଲାରୁ ହାଇ ସିକ୍ୟୁରିଟି ରେଜିଷ୍ଟ୍ରେସନ ନମ୍ବର ପ୍ଲେଟ ବାଧ୍ୟତାମୂଳକ କରାଯାଇଛି ।

## ସର୍ବସାଧାରଣ ସ୍ଥାନରେ ମୋବାଇଲ୍ ଚାର୍ଜ ନକରିବାକୁ ପରାମର୍ଶ

ଭୁବନେଶ୍ୱର,୧୫।୯(ପି.ଏନ): ସର୍ବସାଧାରଣ ସ୍ଥାନରେ ମୋବାଇଲ୍ ଚାର୍ଜ ନକରିବାକୁ ପରାମର୍ଶ ଦେଇଛି ଓଡ଼ିଶା ପୋଲିସ୍ । ରାଜ୍ୟରେ ସାଇବର ଠକେଇ ବଢୁଥିବାରୁ ସତର୍କ ରହିବାକୁ କହିଛି ପୋଲିସ୍ । ସର୍ବସାଧାରଣ ସ୍ଥାନରେ ଥିବା ଚାର୍ଜିଂ ପଏଂଟରେ , ଷ୍ଟେସନ କିମ୍ବା ୟୁଏସବି ପାୱାର ଷ୍ଟେସନରେ ମୋବଇଲ ଚାର୍ଜ ନକରିବାକୁ ଟ୍ୱିଟ କରି ସର୍ତକ କରାଇଛି ଓଡ଼ିଶା ପୋଲିସ ।

## କୁଆଖାଇ ନଦୀପଠାରେ 'ସୂର୍ଯ୍ୟକିରଣ' ଏୟାର ସୋ'ର ପୂର୍ଣ୍ଣ ଅଭ୍ୟାସ

ଭୁବନେଶ୍ୱର, ୧୫।୯(ପି.ଏନ): ଗୁରୁବାର ସକାଳୁ ରାଜଧାନୀ ଉପକଣ୍ଠରେ ଥିବା କୂଆଖାଇ ନଦୀପଠାରେ 'ସୂର୍ଯ୍ୟକିରଣ' ଏୟାର ସୋ'ର ପୂର୍ଣ୍ଣ ଅଭ୍ୟାସ ଅନୁଷ୍ଠିତ ହୋଇଛି । ବାୟୁସେନାର ୨ଟି ବିମାନ ଗତକାଲି କୂଆଖାଇ ନଦୀପଠାରେ ପରିଦର୍ଶନ କରିଥିଲା ବେଳେ ଗୁରୁବାର ପୂର୍ଣ୍ଣ ଅଭ୍ୟାସ କରିଛି । ଶୁକ୍ରବାର (ସେପଟ୍ମେର ୧୬)ରେ ସୋ' ପ୍ରଦର୍ଶିତ ହେବ । ବାୟୁସେନାର ୧୧ ହକ ବିମାନ ଏହି ସୋରେ ସାମିଲ ହୋଇଛନ୍ତି ।

## ନକଲି ମେଡିସିନ ବିକ୍ରି ମାମଲା ; ୨ ଦିନିଆ ରିମାଣ୍ଡରେ ୨ ଅଭିଯୁକ୍ତ

ଭୁବନେଶ୍ୱର, ୧୫।୯(ପି.ଏନ): କଟକରେ ନକଲି ମେଡିସିନ ବିକ୍ରି ପ୍ରସଙ୍ଗରେ ଗିରଫ ଦୁଇ ଅଭିଯୁକ୍ତଙ୍କୁ ଦୁଇ ଦିନିଆ ରିମାଣ୍ଡରେ ନେଇଛି କମିଶନରେଟ ପୋଲିସ । ଅଭିଯୁକ୍ତ ମାନଙ୍କୁ ପାଂଚ ଦିନିଆ ରିମାଣ୍ଡରେ ନେବାକୁ ପୁରୀଘାଟ ଥାନା ଆବେଦନ କରିଥିଲା ବେଳେ ଗୁରୁବାରଠୁ ଦୁଇଦିନିଆ ରିମାଣ୍ଡ ଲାଗି ଅନୁମତି ଦେଇଛନ୍ତି କଟକ ଏସଡିଜେଏମ୍ କୋର୍ଟ । ଏହାସହ ଦୁଇ ଅଭିଯୁକ୍ତଙ୍କ ୨ଟି ଆକାଉଂଟରୁ ୨୮ ଲକ୍ଷ ଟଙ୍କାକୁ ଫ୍ରିଜ କରିଛି ପୋଲିସ । ଦୁଇ ଅଭିଯୁକ୍ତ ହେଲେ ଭି.ଆର ଡ୍ରଗ ଏଜେନ୍ସିର ମାଲିକ ରାହୁଲ କ୍ୟାଲ୍ ଓ ପୂଜା ଏଂଟରପ୍ରାଇଜରସ୍ ମାଲିକ ସଞ୍ଜୟ ଜଲାନ । ଅନ୍ୟପକ୍ଷରେ ନକଲି ମେଡିସିନ୍ ର ଲିଙ୍କ୍ ନେଇ ଓଡିଶା ବାହାରକୁ ମଧ୍ୟ ପୋଲିସ୍ ଯାଇପାରେ ବୋଲି ସୂଚନା ଦେଇଛନ୍ତି କଟକ ଡିସିପି ପିନାକ ମିଶ୍ର ।

## ଅକାତକାତ ପାଣି ଭିତରେ ୪୦ ମିନିଟ୍ର ସଂଘର୍ଷ



ନବରଙ୍ଗପୁର ,୧୫।୯(ପି.ଏନ): ବୋହିଲା ଦକ୍ଷିଣା ପବନ । ଆଗକୁ ଚାଲିନି ଯନ୍ତ୍ର ଚାଳିତ ଲଞ୍ଚ । ଜଳ ଭଣ୍ଡାର ଅକାତକାତ ପାଣି ଭିତରେ ୪୦ ମିନିଟ୍ ଧରି ଫସି ଗଲେ ୨୫ ଜଣ ଗାଁ ଲୋକ । କୂଳକୁ ଫେରିବାକୁ ଥଳକୂଳ ପାଇଲେ ନାହିଁ । ଦେବଦୂତ ହୋଇ ପହଞ୍ଚିଲେ ୧୦୮ ଆମ୍ବୁଲାନ୍ସ(ଜରୁରୀ ସମୟରେ ଜଳଭଣ୍ଡାରରେ ଚାଲିଥିବା ବୋଟ୍ ? ଆମ୍ବୁଲାନ୍ସ) । ଗାଁ ଲୋକଙ୍କୁ ଉଦ୍ଧାର କରି କୂଳକୁ ଆଣିଲେ । ଆଜି ଅପରାହ୍ନରେ ଏପରି ଚିତ୍ର ଦେଖିବାକୁ ମିଳିଛି ଇନ୍ଦ୍ରାବତୀ ଜଳ ଭଣ୍ଡାରରେ ।ଆଜି ଥିଲା ନବରଙ୍ଗପୁର ଜିଲ୍ଲା ଖାତିଗୁଡା ସ୍ଥିତ ଲମତାଗୁଡା ସାପ୍ତାହିକ ହାଟ । ସେଥିପାଇଁ କଳାହାଣ୍ଡି ଜିଲ୍ଲା ଥୁଆମୂଳ-ରାମପୁର ଅନ୍ତର୍ଗତ ଗୁଞ୍ଜମାଲି ଗାଁର ଲୋକମାନେ ଲଞ୍ଚରେ ଇନ୍ଦ୍ରାବତୀ ଜଳ ଭଣ୍ଡାର ପାର ହୋଇ ହାଟ କରିବାକୁ ଯାଉଥିଲେ । ଲଞ୍ଚରେ ଥିଲେ ୨୫ ଗାଁ ଲୋକ ଓ ବାଡିରେ ଫଳିଥିବା ପନି ପରିବା ଏବଂ ଅନ୍ୟାନ୍ୟ ସାମଗ୍ରୀ । ଗାଁ ଲୋକେ ସାଙ୍ଗରେ ନେଇଥିବା ପନିପରିବା ହାଟରେ ବିକି, ସେହି ପଇସାରେ ସଉଦା କରି ଫେରିବେ ବୋଲି ଭାବିଥିଲେ ।ହେଲେ ଇନ୍ଦ୍ରାବତୀ ଜଳ ଭଣ୍ଡାର ମଝିରେ ଦକ୍ଷିଣା ପବନ ସବୁ ଅଙ୍କ ବିଗାଡି ଦେଲା । ପବନ ସହିତ ତାଳଦେଇ ଲଞ୍ଚରେ ଯାନ୍ତ୍ରିକ ତ୍ରୁଟି ଦେଖା ଦେଇଥିଲା । ଆଉ ଆଗକୁ ବ?ିନଥିଲା ଲଞ୍ଚ । ଜଳଭଣ୍ଡାର ମଝିରେ ଫସି ଯାଇଥିଲେ ଗାଁ ଲୋକ । ପାଖାପାଖି ୪୦ରୁ ୪୫ ମିନିଟ୍ ? ଧରି ଦକ୍ଷିଣା ପବନ ଲଞ୍ଚକୁ ଘୂରାଇ ଥିଲା । କିଛି ଉପାୟ ନପାଇ ଲଞ୍ଚରେ ବସିଥିବା ଲୋକମାନେ ୧୦୮ ଆମ୍ବୁଲାନ୍ସ (ଜରୁରୀ ସମୟରେ ଜଳଭଣ୍ଡାରରେ ଚାଲିଥିବା ବୋଟ୍ ? ଆମ୍ବୁଲାନ୍ସ) କର୍ମଚାରୀଙ୍କୁ ଫୋନ୍ ? କରିଥିଲେ । ଆମ୍ବୁଲାନ୍ସ କର୍ମଚାରୀମାନେ ଜଳ ଭଣ୍ଡାର ମଝିରୁ ସମସ୍ତଙ୍କୁ ଉଦ୍ଧାର କରିଥିଲେ ।ଲଞ୍ଚରେ ଥିବା ୨୫ ଜଣଙ୍କ ମଧ୍ୟରେ ୧୫ ଜଣ ମହିଳା, ୬ ଜଣ ପୁରୁଷ ଓ ୪ଜଣ ଛୋଟ ଶିଶୁ ରହିଥିଲେ । ସେମାନେ ନିଜ ଗ୍ରାମରୁ ବାରିଆଘାଟ ଅଭିମୁଖେ ଯାଉଥିଲେ । ବୋଟ୍ ? ଆମ୍ବୁଲାନ୍ସ କର୍ମଚାରୀମାନେ ସମସ୍ତଙ୍କୁ ଉଦ୍ଧାର କରି ବାରିଆଘାଟରେ ଛାଡିଥିଲେ ।

## ଭାରତୀୟ ଜୀବନବୀମା ନିଗମ, ଭୁବନେଶ୍ୱର ମଣ୍ଡଳ ତରଫରୁ 'ହିନ୍ଦୀ ଦିବସ' ଓ 'ହିନ୍ଦୀ ପକ୍ଷ' ପାଳିତ




ଭୁବନେଶ୍ୱର,୧୫।୯(ପି.ଏନ): ପୂର୍ବାହ୍ନ ୧୧ଘଟିକା ସମୟରେ ଭାରତୀୟ ଜୀବନ ବୀମା ନିଗମ,ଭୁବନେଶ୍ୱର ମଣ୍ଡଳ ତରଫରୁ 'ହିନ୍ଦୀ ଦିବସ' ପାଳନ ଓ 'ହିନ୍ଦୀ ପକ୍ଷ' ର ଉଦ୍ ଘାଟନ ମହା ସମାରୋହରେ ଅନୁଷ୍ଠିତ ହୋଇ ଯାଇଛି । ଉକ୍ତ ଉତ୍ସବକୁ ବରିଷ୍ଠ ମଣ୍ଡଳ ପ୍ରବନ୍ଧକ, ଶ୍ରୀ ପ୍ରଫୁଲ କୁମାର ମହାନ୍ତି ପ୍ରଦୀପ ପ୍ରଜ୍ୱଳନ କରି ଉଦ୍ ଘାଟନ କରିଥିଲେ । ଶ୍ରୀ ମହାନ୍ତି ତାଙ୍କ ଉଦ୍ ଘାଟନୀ ଅଭିଭାଷଣରେ ଭାରତୀୟ ମାନଙ୍କ ମଧ୍ୟରେ ସର୍ବାଦୃତ ହିନ୍ଦୀ ଭାଷାର ଗୁରୁତ୍ୱ ସମ୍ବନ୍ଧରେ ଆଲୋକପାତ କରିଥିଲେ ଓ ଏହା କିପରି ସମସ୍ତଙ୍କୁ ଏକତା ସୂତ୍ରରେ ବାନ୍ଧି ରଖି ପାରିଛି ସେ ସମ୍ବନ୍ଧରେ ସବିଶେଷ ଆଲୋଚନା କରିଥିଲେ । ସମ୍ମାନୀତ ଅତିଥିଭାବେ ଯୋଗଦେଇ ବିପଣନ ପ୍ରବନ୍ଧକ, ଅଶୋକ କୁମାର ଭୂୟାଁ, ଆମର ରାଜଭାଷା, ହିନ୍ଦୀର ବହୁଳ ପ୍ରଚାର,ପ୍ରସାର ଉପରେ ଧ୍ୟାନ ଦେବାକୁ ସମସ୍ତଙ୍କୁ ଅନୁରୋଧ କରିଥିଲେ । ପ୍ରାରମ୍ଭରେ ପ୍ରବନ୍ଧକ, କାର୍ମିକ ଓ ଶିଳ୍ପ ସମ୍ପର୍କ ବିଭାଗ, ଶ୍ରୀ ଟି.ଭି.ଏସ. ଏନ.ମୂର୍ତ୍ତି ଉପସ୍ଥିତ ଅତିଥି ଓ ସବୁ କର୍ମଚାରୀଙ୍କୁ ସ୍ୱାଗତ କରିଥିଲେ ଓ ବିଭାଗ ତରଫରୁ ଦୁଇ ସପ୍ତାହ ବ୍ୟାପୀ ଅନୁଷ୍ଠିତ ହେବାକୁ ଥିବା କାର୍ଯ୍ୟକ୍ରମର ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ ।ମାନନୀୟ କେନ୍ଦ୍ର ଗୃହମନ୍ତ୍ରୀ, ଅମିତ ଶାହଙ୍କ ବାର୍ତ୍ତା ପାଠ କରିଥିଲେ ଅନିମେଶ କୁମାର ଦାସ ଓ ଅଧ୍ୟକ୍ଷ, ଏମ.ଆର.କୁମାରଙ୍କ ସନ୍ଦେଶ ପାଠ କରିଥିଲେ ଶ୍ରୀମତୀ ରଞ୍ଜିତା ସ୍ୱାଇଁ ।ଅନ୍ୟମାନଙ୍କ ମଧ୍ୟରେ କାର୍ତ୍ତିକ ଚନ୍ଦ୍ର ଦାସ, ହରିବନ୍ଧୁ ପ୍ରହରାଜ, ରାଜେନ୍ଦ୍ର ନାରାୟଣ ପଣ୍ଡା, ବି.ବି.ନାୟକ, ଅରୁଣ କୁମାର ବିଶ୍ୱାଳ ଆଦି ଶତାଧିକ ଅଧିକାରୀ ଓ କର୍ମଚାରୀ ଉତ୍ସବରେ ଉପସ୍ଥିତ ଥିଲେ ଓ ଶପଥ ପାଠ କରିଥିଲେ ।ଉତ୍ସବ ପରିଚାଳନା କରିଥିଲେ ଶ୍ରୀ ବିପିନ କିଶୋର ଏକ୍କା ଓ ସୁରେଶ କୁମାର ପାଲ ଧନ୍ୟବାଦ ଦେଇଥିଲେ ।

## ୩ ଦିନ ଯାଏଁ ଉତ୍କୂଳରେ ଲାଗି ରହିବ ଗୁଳୁଗୁଳି

ଭୁବନେଶ୍ୱର,୧୫।୯(ପି.ଏନ):ନିଷ୍କ୍ରିୟ ମୌସୁମୀ ପ୍ରଭାବରେ ରାଜ୍ୟରେ ଆଗାମୀ ୨ ରୁ ୩ ଦିନ ଯାଏଁ ଗୁଳୁଗୁଳି ସମ୍ଭାବନା ରହିଛି । ଆଗାମୀ ୨ରୁ ୩ ଦିନ ଯାଏଁ ରାଜ୍ୟରେ ମୌସୁମୀ ନିଷ୍କ୍ରିୟ ରହିବା ସହ ବିଶେଷ ବର୍ଷା ସମ୍ଭାବନା ନଥିବାରୁ ଆକାଶ ପ୍ରାୟ ମେଘମୁକ୍ତ ରହିବ । ଯାହାର ପ୍ରଭାବରେ ଦିନ ତାପମାତ୍ରାରେ ଦୃଷ୍ଟାନ୍ତମୂଳକ ବୃଦ୍ଧି ଏବଂ ବାୟୁମଣ୍ଡଳର ଉଚ୍ଚ ଆର୍ଦ୍ରତା ପ୍ରଭାବରେ ଉପକୂଳ ଓଡ଼ିଶା ସମେତ ପାର୍ଶ୍ୱବର୍ତି ଅଂଚଳରେ ଗୁଳୁଗୁଳି ଅନୁଭୂତ ହେବାର ସମ୍ଭାବନା ରହିଛି । ଭୁବନେଶ୍ୱର ଆଂଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ଏହି ସୂଚନା ଦିଆଯାଇଛି । ପାଣିପାଗ ବିଭାଗର ସୂଚନା ଅନୁଯାୟୀ ଆସନ୍ତା ୨୪ ଘଂଟା ମଧ୍ୟରେ ମୟୁରଭଂଜ, ଯାଜପୁର, ଭଦ୍ରକ, ବାଲେଶ୍ୱର ଓ କେନ୍ଦ୍ରାପଡା ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ଏହି ସମୟ ମଧ୍ୟରେ ବାଲେଶ୍ୱର , କେନ୍ଦୁଝର ଓ ମୟୁରଭଂଜ ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେବଜ୍ରପାତ ସହ ସହ ବର୍ଷା ହୋଇପାରେ ।

## ଛାତ୍ରଛାତ୍ରୀଙ୍କୁ ଲକ୍ଷାଧିକ ଟଙ୍କା ଚୂନ ଲଗାଇଥିଲା ଚାଲ୍‌ବାଜ୍ ଠକ, ବାନ୍ଧିଲା ପୁଲିସ



ଯାଜପୁର ୧୫।୯(ପି.ଏନ): ଆଉ ଜଣେ ଚାଲ୍‌ବାଜ୍ ଠକ ଗିରଫ ହୋଇଛି । ଆନ୍ଧ୍ରପ୍ରଦେଶରେ ବିଇଡି କରାଇ ଦେବାକୁ କହି ଲକ୍ଷାଧିକ ଟଙ୍କା ଠକି ନେଇଥିଲା । ଛାତ୍ରଛାତ୍ରୀଙ୍କୁ ଚୂନ ଲଗାଇବା ପରେ ଆନ୍ଧ୍ରରେ ଆତ୍ମଗୋପନ କରିଥିଲା ଅଭିଯୁକ୍ତ । ଏନେଇ ଅଭିଯୋଗ ହେବା ପରେ ଯାଜପୁର ପୁଲିସ୍ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଛି ।ଛାତ୍ରଛାତ୍ରୀଙ୍କ ଅଭିଯୋଗ ଅନୁସାରେ ଧର୍ମଶାଳା ଥାନା କଣିପାଟିଆ ଗାଁର ଅଭିଜିତ ଦାସ, ଆନ୍ଧ୍ରପ୍ରଦେଶରେ ବିଇଡି କରାଇ ଦେବାକୁ କହି ପିଲା ପିଛା ୨୦ ହଜାର ଟଙ୍କା ଓ ସ୍କୁଲ କଲଜେର ସାର୍ଟିଫିକେଟ ନେଇଥିଲା । ଜୁଲାଇ ୨୧ ତାରିଖରେ ଆନ୍ଧ୍ରର ଏକ ଘରୋଇ ଶିକ୍ଷାନୁଷ୍ଠାନରେ ପରୀକ୍ଷା ହେବାର ଥିଲା । ସେଥିପାଇଁ ୧୯ ତାରିଖ ସକାଳେ ଜାରକାଠାରେ ପହଞ୍ଚିବାକୁ ସମସ୍ତ ଛାତ୍ରଛାତ୍ରୀଙ୍କୁ କହିଥିଲା ଅଭିଜିତ । ଏକଥା ଶୁଣିବା ପରେ ୪୦ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଜାରକାରେ ପହଞ୍ଚି ଥିଲେ । ହେଲେ ଆନ୍ଧ୍ର ଯିବାକୁ ଥିବା ବସ୍ ଆସିନଥିଲା କି ଅଭିଜିତଙ୍କ ଦେଖା ମିଳିନଥିଲା । ବହୁ ସମୟ ଧରି ଅପେକ୍ଷା କରିବା ପରେ ଛାତ୍ରଛାତ୍ରୀମାନେ ଅଭିଜିତଙ୍କୁ ଫୋନ୍ କରିଥିଲେ । ମାତ୍ର ତାଙ୍କ ମୋବାଇଲ୍ ନମ୍ବର ବନ୍ଦ ରହିଥିଲା ।ଛାତ୍ରଛାତ୍ରୀ ୨୧ ତାରିଖରେ ଏ ସମ୍ପର୍କରେ ଧର୍ମଶାଳା ଥାନାରେ ଲିଖିତ ଅଭିଯୋଗ କରିଥିଲେ । ପୁଲିସ ଅଭିଯୋଗକୁ ଭିତ୍ତିକରି ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା । ଅଭିଜିତଙ୍କୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଥିଲା । ହେଲେ ଚତୁର ଅଭିଜିତ କାଇଦା କରି ଓଡିଶାରୁ ଚମ୍ପଟ ମାରିଥିଲା । ସେ ଆନ୍ଧ୍ରପ୍ରଦେଶରେ ଆତ୍ମଗୋପନ କରିଥିଲା । ଧର୍ମଶାଳା ପୁଲିସ ଜାଣିପାରି ତାକୁ ସେଠାରୁ ଗିରଫ କରି ଆଜି କୋର୍ଟ ଚାଲାଣ କରିଛି ।

## ଦଶମ ଶ୍ରେଣୀ ପ୍ରଥମ ସମେଟିଭ ଫର୍ମଫିଲପ ପାଇଁ ବୋର୍ଡ କର୍ତ୍ତୃପକ୍ଷଙ୍କ ଅନ୍ୟାୟ ଭାବେ ୪୨୦ ଟଙ୍କା ଆଦାୟ ପ୍ରତିବାଦରେ ଏଆଇଡିଏସଓ ପକ୍ଷରୁ ସ୍ମାରକପତ୍ର ପ୍ରଦାନ

ଭଦ୍ରକ, ୧୫।୯(ପି.ଏନ): ଦଶମ ଶ୍ରେଣୀ ପ୍ରଥମ ସମେଟିଭ ଫର୍ମଫିଲପ ପାଇଁ ବୋର୍ଡ କର୍ତ୍ତୃପକ୍ଷଙ୍କ ଅନ୍ୟାୟ ଭାବେ ୪୨୦ ଟଙ୍କା ଆଦାୟ କରିବା ନିଷ୍ପତ୍ତି ପ୍ରତିବାଦରେ ରାଜ୍ୟ ଗଣଶିକ୍ଷା ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଭଦ୍ରକ ଅତିରିକ୍ତ ଜିଲ୍ଲାପାଳଙ୍କୁ ଏକ ସ୍ମାରକପତ୍ର ଏଆଇଡିଏସଓ ପକ୍ଷରୁ ପ୍ରଦାନ କରାଯାଇଛି । ଛାତ୍ର ନେତା ଦେବାଶିଷ କର ଓ ସମୀର ସେନାପତିଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ଏହି ସ୍ମାରକପତ୍ର ପ୍ରଦାନ କରିଥିଲେ । ଏଆଇଡିଏସଓ ପକ୍ଷରୁ କୁହାଯାଇଛି ଯେ ରାଜ୍ୟର ଅନେକ ପରିବାର ଦାରିଦ୍ର୍ୟ ସୀମାରେଖା ତଳେ ବାସ କରନ୍ତି । ଅନ୍ୟଦିଗରେ କରୋନା ମହାମାରୀ ପରେ ରାଜ୍ୟର ଜନସାଧାରଣଙ୍କ ଆର୍ଥିକ ଅବସ୍ଥା ଅତ୍ୟନ୍ତ ଦୟନୀୟ ହୋଇଯାଇଛି । ଲକ୍ଷ ଲକ୍ଷ ଲୋକ ନିଜର କାର୍ଯ୍ୟ ହରାଇଛନ୍ତି । ଏହି ପରିସ୍ଥିତିରେ ଛାତ୍ର ଛାତ୍ରୀ ମାନଙ୍କ ପାଠପଢାର ଦାୟିତ୍ୱ ସଂପୂର୍ଣ୍ଣ ସରକାର ନେବା କଥା ମାତ୍ର ଓଡିଶା ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ଦଶମ ଶ୍ରେଣୀ ପ୍ରଥମ ସମେଟିଭ ପରୀକ୍ଷା ଫର୍ମ ପୂରଣ କରିବା ପାଇଁ ୪୨୦ ଟଙ୍କା ଫିସ ଆଦାୟ ନିଷ୍ପତ୍ତି ହୋଇଛି । ଯାହାକି ଦୁଇଟି ସମେଟିଭ ବାବଦରେ ଗୋଟିଏ ଛାତ୍ର ପାଇଁ ୮୪୦ ଟଙ୍କା ହେବ । ଯାହା ଫଳରେ ବହୁ ଗରିବ ଘରର ଛାତ୍ର ଛାତ୍ରୀ ଟଙ୍କା ଅଭାବରୁ ଫର୍ମପୂରଣ କରି ନପାରି ପରୀକ୍ଷା ଦେବାରୁ ବଂଚିତ ହେବେ । ସମେଟିଭ ପରୀକ୍ଷା ଆଳରେ ନବମ ଓ ଦଶମ ଶ୍ରେଣୀର ଛାତ୍ର ଛାତ୍ରୀମାନଙ୍କ ପାଖରୁ ୪ ଥର ଫିସ ଆଦାୟ କରାଯିବ । ଏହିଭଳି ଫିସ୍ ଆଗରୁ ଆଦାୟ କରାଯାଉ ନଥିଲା । ଚଳିତ ବର୍ଷରୁ ଏହିଭଳି ଫିସ୍ ଆଦାୟ କରିବା ଅତ୍ୟନ୍ତ ଅନ୍ୟାୟ । ଏଣୁ ତୁରନ୍ତ ଦଶମ ଶ୍ରେଣୀ ସମେଟିଭ ପରୀକ୍ଷା ଫିସ୍ ଆଦାୟ କରିବା ନିଷ୍ପତ୍ତିକୁ ସଂପୂର୍ଣ୍ଣ ପ୍ରତ୍ୟାହାର କରିବା ସହ ଛାତ୍ର ଛାତ୍ରୀମାନଙ୍କର ମାଗଣାରେ ଫର୍ମ ପୂରଣ କରାଇବା ଓ ସମେଟିଭ ପରୀକ୍ଷା ଆଳରେ ନବମ ଓ ଦଶମରେ ୪ ଥର ଫର୍ମପୂରଣ ଆଦାୟ ବନ୍ଦ କରିବାକୁ ଏଆଇଡିଏସଓ ପକ୍ଷରୁ ଦାବି କରାଯାଇଛି ଅନ୍ୟଥା ଆଗାମୀ ଦିନରେ ଦୁର୍ବାର ଛାତ୍ର-ଅଭିଭାବକଙ୍କ ଆନ୍ଦୋଳନ ହେବ ବୋଲି ଚେତାବନୀ ଦିଆଯାଇଛି ।








# ଟି ଟାଇମ୍



## ଜୋକ୍ସ

ଚିଣ୍ଟୁ-ବାପା କାଲି ଆମ ସ୍କୁଲକୁ ଯିବ, ଗୋଟେ ଛୋଟିଆ ଗେଟ ଟୁଗେଦର ଅଛି
ବାପା-କିଏ କିଏ ଆସୁଛନ୍ତି ?
ଚିଣ୍ଟୁ-କେହି ନୁହେଁ, ମୁଁ ତମେ ଆଉ ପ୍ରିନ୍ସପାଲ।

ହରି-ମୁଁ ଯେତେବେଳେ ଏଠାକୁ ଆସିଲି ଖାଲି ପାଦରେ ଆସିଥିଲି ।
ଶାମ- ମୁଁ ତ ଖାଲି ଦେହରେ ଆସିଥିଲି।
ହରି-କିପରି ?
ଶାମ- ମୁଁ ପରା ଏଇଠି ଜନ୍ମ ହୋଇଛି ।

# ପୁରାଣ କାହାଣୀ

# ରାମାୟଣ ଆଦ୍ୟକାଣ୍ଡ

ସରଜୁ ନଦୀ କୂଳରେ ଅବସ୍ଥିତ ଅଯୋଧ୍ୟା ନଗରୀ ହେଉଛି କୋଶଳ ରାଜ୍ୟର ରାଜଧାନୀ। କୋଶଳ ନରେଶ ରାଜା ଦଶରଥଙ୍କ ରାଜୁତ କାଳରେ ପ୍ରଜାମାନେ ଅତ୍ୟନ୍ତ ସୁଖରେ କାଳାତିପାତ କରୁଥିଲେ। ରାଜା ଦଶରଥଙ୍କ ତିନି ରାଣୀ ଥିଲେ କୌଶଲ୍ୟା, କୈକେୟୀ ଏବଂ ସୁମିତ୍ରା। ମାତ୍ର ବହୁ ଦିନ ଧରି ରାଜା ଅପୁତ୍ରୀକ ଥିଲେ। ତେଣୁ ଋଷି ବଶିଷ୍ଠଙ୍କ ପରାମର୍ଶ କ୍ରମେ ଋଷ୍ୟଶୃଙ୍ଗ ମୁନୀଙ୍କୁ ନିମନ୍ତ୍ରଣ କରି ତାଙ୍କରି ଦ୍ୱାରା ରାଜା ପୁତ୍ରେଷ୍ଟି ଯଜ୍ଞର ଆୟୋଜନ କଲେ। ଯଜ୍ଞର ଫଳର ସ୍ୱରୁପ ପ୍ରଥମେ ରାଣୀ କୌଶଲ୍ୟାଙ୍କ ଗର୍ଭରୁ ରାମ, ରାଣୀ କୈକେୟୀଙ୍କ ଗର୍ଭରୁ ଭରତ ଏବଂ ସୁମିତ୍ରାଙ୍କ ଗର୍ଭରେ ଲକ୍ଷ୍ମଣ ଓ ଶତ୍ରୁଘ୍ନ ଜନ୍ମ ନେଲେ। ପୁରାଣ କହେ, ରାକ୍ଷାସ ରୂପି ରାବଣ ଦେବଗଣଙ୍କୁ ଅତ୍ୟାଚାର କରୁଥିଲା ଏବଂ ରାବଣର ମୃତ୍ୟୁ ମାନବାତାର ରାମଙ୍କ ଦ୍ୱାରା ନିଶ୍ଚିତ ଥିଲା। ତେଣୁ ରାବଣ ବଦ୍ଧ ନିମନ୍ତେ ମର୍ତ୍ତ୍ୟରେ ମାନବ ଅବତାର ଧାରଣ କରିବାକୁ



ଭଗବାନ ବିା୍ଣୁ ଇଚ୍ଛା ପ୍ରକଟ କରନେତ୍ ତାଙ୍କରି ଅଂଶରୁ ଭଗବାନଙ୍କ ଗୁଣ ସମ୍ପନ୍ନ ଚାରିପୁଅ ଦଶରଥଙ୍କ କୋଳରେ ଜନ୍ମ ଗ୍ରହଣ କରିଥିଲେ। ସମୟ କ୍ରମେ ଚାରିପୁଅ ଶାସ୍ତ୍ର ବିଦ୍ୟା ଅଧ୍ୟୟନ ସହ ଶାସ୍ତ୍ର ବିଦ୍ୟାରେ ନିପୁଣତା ହାସଲ କଲେ। ରାମଙ୍କୁ ହୋଇଥାଏ ୧୬ ବର୍ଷ ବୟସ। ଋଷି ବିଶ୍ୱାମିତ୍ର ଦିନେ ରାଜା ଦଶରଥଙ୍କ ଦରବାରକୁ ଆସିଲେ। ବଣରେ ଯଜ୍ଞ ନଷ୍ଟ କରୁଥିବା ଅସୁର ଗଣଙ୍କୁ ନିପାତ କରିବା ପାଇଁ ସହାୟତା ସ୍ୱରୂପ ସେ ରାଜା ଦଶରଥଙ୍କୁ ପୁତ୍ର ରାମଙ୍କୁ ମାଗିଲେ। ଭ୍ରାତା ଲକ୍ଷ୍ମଣ ରାମଙ୍କୁ ଅନୁସରଣ କରିବାକୁ ଇଚ୍ଛା ପ୍ରକଟ କରନ୍ତେ ରାଜାଙ୍କ ସମ୍ମତି କ୍ରମେ ଋଷି ରାମ ଓ ଲକ୍ଷ୍ମଣଙ୍କୁ ଧରି ବରକୁ ଚାଲିଲେ। ସମୟ କ୍ରମେ ରାମ ଓ ଲକ୍ଷ୍ମଣ ଋଷି ମିଶ୍ୱାମିତ୍ରଙ୍କଠାରୁ ବହୁ ଶସ୍ତ୍ର ବିଦ୍ୟା ସହିତ ବିଭିନ୍ନ ଦୈବୀ ଅସ୍ତ୍ର ମଧ୍ୟ ଲାଭ କଲେ ଓ ଋଷିଙ୍କ ହୋମରେ ବିଘ୍ନ ସୃଷ୍ଟି କରୁଥିବା ତାଡକା ଅସୁରୁଣୀ ସହିତ ଅନ୍ୟାନ୍ୟ ଅସୁରମାନଙ୍କୁ ବଦ୍ଧ କଲେ।

# ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ



ଓଡିଶା ମୟୂରଭଂଜ ଜିଲ୍ଲାର ବାରିପଦା ଠାରେ ଜନ୍ମିତ ଜଣେ ସୁଶାସକ ଓ ଭାଷା ଆନ୍ଦୋଳନର ପୁରୋଧା ଥିଲା। ସେ ରାଜ୍ୟର ମଙ୍ଗଳ ତଥା ପ୍ରଜାଙ୍କ ହିତ ପାଇଁ ସର୍ବଦା ଚେଷ୍ଟିତ୍ ଥିଲେ। ଶ୍ରୀରାମଚନ୍ଦ୍ର ଜଣେ ସରଳ ଓ ଅମାୟିକ ବ୍ୟକ୍ତି ଭାବେ ପରିଚିତ ଥିଲେ। ଛାତ୍ର ବୟସରେ ସହପାଠୀଙ୍କ ସହିତ ସରଳ ଭାବରେ ମିଶୁଥିଲେ। ପାଠ ପଢୁଥିବା ସମୟରେ ସେ ଅନେକ ସ୍ଥାନ ବୁଲି ଯାଇଥିଲେ। ମାତ୍ର ରାଜବେଶ ବା ରାଜ ଢ଼ଙ୍ଗଢ଼ାଙ୍ଗରେ ସେ ଯିବାକୁ ଇଚ୍ଛା କରୁନଥିଲେ। ତାଙ୍କର ଏହି ସରଳ ପ୍ରକୃତି ଯୋଗୁଁ ସେ ସବୁଠାରେ ସମସ୍ତଙ୍କର ଅତି ପ୍ରିୟପାତ୍ର ହୋଇଥିଲେ। ପ୍ରଜା ପାଳନ ରାଜାର ଧର୍ମ ଏ କଥା ଶ୍ରୀରାମଚନ୍ଦ୍ରଙ୍କୁ ଭଲ ଭାବେ ଜଣାଥିଲା। ରାଜଦଣ୍ଡ ଧରିବା ପରେ ଶ୍ରୀରାମଚନ୍ଦ୍ର ରାଜନୀତି ଓ ଦର୍ଶନଶାସ୍ତ୍ରକୁ ଭଲକରି ପଢ଼ିବାରେ ଲାଗିଲେ। ନିଜ ରାଜ୍ୟକୁ ଏକ ଆଦର୍ଶ ରାଜ୍ୟ କରି ଗଢ଼ିବା ପାଇଁ ସେ ବରାବର ଚେଷ୍ଟା କରୁଥିଲେ। ଗୁଣି ଓ ଉଦାର ଲୋକଙ୍କୁ ପାଖରେ ରଖି ସୁଚାରୁ ରୂପେ ରାଜ୍ୟ କରି ଗଢ଼ିବା ପାଇଁ ସେ ବରାବର ଚେଷ୍ଟା କରୁଥିଲେ। ଗୁଣି ଓ ଉଦାର ଲୋକଙ୍କୁ ପାଖରେ ରଖି ସୁଚାରୁ ରୂପେ ରାଜ୍ୟ ଶାସନ କରୁଥିଲେ। ଏହି ସମୟରେ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ କାର୍ଯ୍ୟଶୈଳୀ ସମଗ୍ର ରାଜ୍ୟରେ ଗୁଞ୍ଜରିତ ହେଉଥିଲା। ତାଙ୍କ ଗୁଣରେ ମୁଗ୍ଧ ହୋଇ ଶ୍ରୀରାମଚନ୍ଦ୍ର ତାଙ୍କୁ ରାଜ୍ୟ ସରକାରଙ୍କ ଓକିଲ ପଦରେ ନିଯୁକ୍ତି କରିଥିଲେ। ପଣ୍ଡିତ ଗୋପବନ୍ଧୁ ସେତେବେଳେ ସକଳ କାର୍ଯ୍ୟରେ ତାଙ୍କର ପରମ ସଖା ରୂପେ ପରାମର୍ଶଦାତାଥିଲେ। ଶ୍ରୀରାମଚନ୍ଦ୍ର ଓ ଗୋପବନ୍ଧୁ ମଧ୍ୟରେ ଏପରି ଘନିଷ୍ଠ ବନ୍ଧୁତା ଥିଲା ଯେ, କୌଣସି କାର୍ଯ୍ୟ କଲାବେଳେ ଶ୍ରୀରାମଚନ୍ଦ୍ର, ଗୋପବନ୍ଧୁଙ୍କ ପରାମର୍ଶ ନେଉଥିଲେ।

# ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ



ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି। ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାର୍ବୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ। ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଳୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ୍ୟ ୭ରୁ ୮ ଘଣ୍ଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ । ଯେବେ ବି ଥକ୍କାପଣ ଅନୁଭବ ହୁଏ ତେବେ ୧୫ କିମ୍ବା ୨୦ମିନିଟ୍ର ବିଶ୍ରାମ ଯେମିତି ହେଲେ ନେବେ । ନୀଦ ପୂରା ନହେଲେ ଶରୀରର ଓଜନ ମଧ୍ୟ ବଢ଼ିଥାଏ ଓ ଥକ୍କାପଣ ଜଲଦି ଆସିଯାଇଥାଏ ।

# ଗରିବରୁ ହେଲେ ଧନୀ

ଗରିବ ଚାଷୀ ପରିବାରରେ ଜନ୍ମ ହୋଇଥିଲା ତାଙ୍କର। ମାତ୍ର ନିଜର ଦୃଢଇଚ୍ଛା ଶକ୍ତି ଓ ପରିଶ୍ରମ ବଳରେ ସେ ଆଜି ପାଇଛନ୍ତି ସଫଳତା। କୌଣସି ଡିଗ୍ରୀ ନଥାଇ ମଧ୍ୟ ସେ ଆଜି ସଫଳ ଉଦେଣ୍ଟ୍ୟାଗପତି। ପ୍ରତିଷ୍ଠା କରିଛନ୍ତି ଏୟାରଲାଇନ କମ୍ପାନୀ। ଯାହାଦ୍ୱାରା ତାଙ୍କ ଅଞ୍ଚଳରେ ଜମୁଛି ପର୍ଯ୍ୟଣ୍ଟ୍ୟଟକଙ୍କ ଭିଡ। ଏହି ଉଦେଣ୍ଟ୍ୟାଗପତି ଜଣକ ହେଉଛନ୍ତି ବୁଦ୍ଧିପ୍ରକାଶ ଠାକୁର। ହିମାଚଳ ପ୍ରଦେଶ କୁଲୁ ଜିଲ୍ଲାର ଖାକନାଲ ଗ୍ରାମରେ ଏକ ଚାଷୀ ପରିବାରରେ ଜନ୍ମ ହୋଇଥିଲା ବୁଦ୍ଧି ପ୍ରକାଶଙ୍କର। ତାଙ୍କ ବାପା ନିଜ ଅଧିନରେ ଥିବା କିଛି ଜମି ଚାଷ କରି ପରିବାର ପ୍ରତିପୋଷଣ କରୁଥିଲେ। ନିଜେ ଅଶିକ୍ଷିତ ହେଲେ ମଧ୍ୟ ପିଲାମାନଙ୍କୁ ପାଠପଢାର ସୁଯୋଗ ଦେଇଥିଲେ ତାଙ୍କ ବାପା। ଯାହାଦ୍ୱାରା ବୁଦ୍ଧି ପ୍ରକାଶ ଓ ତାଙ୍କ ଦୁଇ ଭାଇ ଗ୍ରାମର ଏକ ସରକାରୀ ସ୍କୁଲରେ ପାଠପଢୁଥିଲେ। ପାଠପଢା ସହ ମଧ୍ୟ ବୁଦ୍ଧି ପ୍ରକାଶ ତାଙ୍କ ବାପାଙ୍କୁ ଚାଷ କାର୍ଯଣ୍ଟ୍ୟରେ ସାହାଯଣ୍ଟ୍ୟ କରୁଥିଲେ। ସ୍କୁଲ ଶେଷ କରିବା ପରେ ବୁଦ୍ଧି ଉଚ୍ଚ ଶିକ୍ଷା ପାଇଁ ଚାଲିଯାଇଥିଲେ ଚଣ୍ଡିଗଡ। ସେଠାରେ ଯୁକ୍ତ ଦୁଇ ଶେଷ କରିବା ପରେ ଚଣ୍ଡିଗଡ ବିଶ୍ୱବିଦଣ୍ଟ୍ୟାଳୟରେ ସ୍ନାତକରେ ନାମ ଲେଖାଇଥିଲେ। ନାମ ସିନା ଲେଖାଇଦେଲେ କିନ୍ତୁ ପଢା ଶେଷ କରିପାରିଲେ ନାହିଁ। ପରିବାରର ଆର୍ଥିକ ଅବସ୍ଥା ତାଙ୍କୁ ଆଗକୁ ପଢିବା ପାଇଁ ଦେଇନଥିଲା ଏବଂ ସେ ଫେରି ଆସିଥିଲେ ଗ୍ରାମକୁ। ବାପାଙ୍କ ସହ ମିଶି ଆରମ୍ଭ କଲେ ସେଓ ଚାଷ। ଯାହାକି ଧୀରେ ଧୀରେ କରି ବୃଦ୍ଧି ପାଇଥିଲା। ନିଜ ଅଞ୍ଚଳ ବଣ୍ଟ୍ୟତୀତ ଅନଣ୍ଟ୍ୟ ରାଜଣ୍ଟ୍ୟରେ ବିକ୍ରି କରିବା ଆରମ୍ଭ କରିଥିଲେ ସେମାନେ। ଯାହାଦ୍ୱାରା ପରିବାରର ଆର୍ଥିକ ଅବସ୍ଥାରେ କିଛିମାତ୍ରାରେ ସୁଧାର ଆସିଥିଲା। ମନାଲିଠାରୁ ମାତ୍ର ୯କିଲୋମିଟର ଦୂରରେ ଥିବା ତାଙ୍କ ଗ୍ରାମକୁ ଭ୍ରମଣ ଋତୁରେ ଅନେକ ସଂଖଣ୍ଟ୍ୟାରେ ପର୍ଯଣ୍ଟ୍ୟଟକଙ୍କ ଭିଡ ଲାଗିଥାଏ। ବର୍ଷକୁ ବର୍ଷ ପର୍ଯଣ୍ଟ୍ୟଟକଙ୍କ ବର୍ଦ୍ଧିତ ସଂଖଣ୍ଟ୍ୟାକୁ ଦୃଷ୍ଟିରେ ରଖି ବୁଦ୍ଧିପ୍ରକାଶ ଓ ତାଙ୍କ ବାପା ନିଜ ଗ୍ରାମରେ ଏକ ପାଞ୍ଚ ରୁମ ବିଶିଷ୍ଟ ଯାତ୍ରୀ ନିବାସ ନିର୍ମାଣ କରିଥିଲେ। ଏହାର ପ୍ରାୟ ୬ବର୍ଷ ପରେ ତାଙ୍କର ଏହି ଯାତ୍ରୀ ନିବାସ ସାର୍ଥକ ରିସୋର୍ଟରେ ପରିବର୍ତ୍ତିତ ହୋଇଥିଲା। ୫ଟି ରୁମ ବଦଳରେ ୬୫ଟି ରୁମ ରହିଲା। ରିସୋର୍ଟ ଭଲ ଚାଲିବା ସହ ତାଙ୍କ ପରିବାରର ଆର୍ଥିକ ଅବସ୍ଥାରେ ମଧ୍ୟ ବହୁ ସୁଧାର ଆସିଥିଲା। ଧୀରେ ଧୀରେ କରି ବୁଦ୍ଧିପ୍ରକାଶ ମନାଲି ର ପ୍ରତି ଅଞ୍ଚଳରେ ଜଣେ ସମ୍ମାନସ୍ପଦ ହୋଟେଲ ମାଲିକ ଭାବେ ପରିଚିତ ହୋଇଗଲେ। ବିଭିନ୍ନ ଟୁରିଜିମ କମ୍ପାନୀ ମାନଙ୍କ ସହ କାର୍ଯଣ୍ଟ୍ୟ କରିବାର କିଛିବର୍ଷ ପରେ ସେ ହିମାଳୟ ହଲିଡେଜ ନାମରେ ନିଜର ଏକ କମ୍ପାନୀ ଆରମ୍ଭ କରିଥିଲେ। ଏହି କମ୍ପାନୀ ପର୍ଯଣ୍ଟ୍ୟଟକ ମାନଙ୍କୁ ସେମାନଙ୍କୁ ଇଚ୍ଛା ଓ ବଜେଟ ଅନୁଯାୟୀ ସ୍ଥାନକୁ ବୁଲାଇନେଲା। ମାତ୍ର ଏତିକିରେ ତାଙ୍କ ମନଭରି ନଥିଲା। ସେ ଚାହୁଁଥିଲେ କି ଅଧିକରୁ ଅଧିକ ପର୍ଯଣ୍ଟ୍ୟଟକ ମନାଲି ଆସିବା ସହ ତାଙ୍କ ଗ୍ରାମକୁ ମଧ୍ୟ ଆସନ୍ତୁ। କିନ୍ତୁ ଏଥିରେ ବାଧା ସାଜୁଥିଲା ଗମନାଗମନ। ମନାଲିକୁ ସିଧାସଳଖ ଟ୍ରେନ କିମ୍ବା ବିମାନ ଯାଉନଥିଲା ଏବଂ ବସରେ ଯିବା ପର୍ଯଣ୍ଟ୍ୟଟକଙ୍କ ପାଇଁ ବିପଦଜ୍ଜନକ ହେଉଥିଲା। ଏହି ଅସୁବିଧା ସବୁକୁ ଦୂର କରିବା ପାଇଁ ବୁଦ୍ଧିପ୍ରକାଶ ହିମାଳୟ ହଲିଡେଜ କମ୍ପାନୀ ଅଧିନରେ ଆରମ୍ଭ କଲେ ଏୟାର ହିମାଳୟ ନାମରେ କମ୍ପାନୀ। ନିଜ ସଞ୍ଚିତ ଅର୍ଥ ଓ ବଣ୍ଟ୍ୟାଙ୍କରୁ ଋଣ କରି ନିଜ ଅଞ୍ଚଳରେ ପ୍ରତିଷ୍ଠା କଲେ ଏହି ପ୍ରଥମ ଘରୋଇ ବିମାନ ଚଳାଚଳ କମ୍ପାନୀ। ୨୦୧୪ ଅପ୍ରେଲରେ ଅନଣ୍ଟ୍ୟ ଏକ କମ୍ପାନୀ ଠାରୁ ୯ଟି ସିଟ ଥିବା ଏକ ବିମାନ ଭଡାରେ ଆଣି ଚଣ୍ଡିଗଡ ଠାରୁ କୁଲୁ ରୁଟରେ ଚଳାଇଥିଲେ। ପର୍ଯଣ୍ଟ୍ୟଟକଙ୍କ ଭିଡକୁ ଲକ୍ଷଣ୍ଟ୍ୟ କରି ବିମାନକୁ ଦିନରେ ଦୁଇରୁ ତିନି ଥର ଚଳାଯାଇଥିଲା। କିନ୍ତୁ ୨୦୧୫ ବୁଦ୍ଧିପ୍ରକାଶଙ୍କ ପାଇଁ ଖରାପ ସମୟ ଆଣିଥିଲା। କମ୍ପାନୀ ପ୍ରତିଷ୍ଠା ସମୟର ଜଣେ ସହଯୋଗୀ ହାତ ଛାଡି ଦେଇଥିବାରୁ ଏକାକୀ ବୁଦ୍ଧିଙ୍କୁ ସମସ୍ତ କାର୍ଯଣ୍ଟ୍ୟ ସମ୍ଭାଳିବାକୁ ପଡିଥିଲା। ଆର୍ଥିକ ସଙ୍କଟ ଯୋଗୁଁ ବଣ୍ଟ୍ୟବସାୟରେ ମାନ୍ଦାବସ୍ଥା ଆସିଥିଲା। ତଥାପି ମଧ୍ୟ ବୁଦ୍ଧି ହାର ମାନିନଥିଲେ। ତାଙ୍କର ନିଷ୍ଠା ଆଜି ବି ଏୟାର ହିମାଳୟକୁ ଭାଙ୍ଗିବାକୁ ଦେଇନାହିଁ। ବୁଦ୍ଧିପ୍ରକାଶଙ୍କ କହିବାନୁଯାୟୀ, ରାସ୍ତା କଠିନ ହୋଇଥିଲେ ମଧ୍ୟ ମୁଁ ମୋ ସ୍ୱପ୍ନ ପୂରଣ କରିବାରୁ ବିଚୁଣ୍ଟ୍ୟତି ହେବି ନାହିଁ।



# ରେଷ୍ଟୁରାଣ୍ଟରେ ଦିଆଯାଉଥିଲା କୁକୁର ମାଂସ



ହାଇଦ୍ରାବାଦ ଖାସି ମାଂସ ନାମରେ କୁକୁର ମାଂସ ବିକ୍ରି କରୁଥିବା ଅଭିଯୋଗରେ ଏକ ରେଷ୍ଟୁରାଣ୍ଟ ଉପରେ ନିକଟରେ ଗ୍ରେଟର ହାଇଦ୍ରାବଦ ମୁଣ୍ଟ୍ୟନିସିପାଲ କର୍ପୋରେସନର ଅଧିକାରୀମାନେ ଚଢାଉ କରିଥିଲେ। ଏହି ରେଷ୍ଟୁରାଣ୍ଟର ମାଂସକୁ ଜବତ କରାଯାଇ ପରୀକ୍ଷା ନିମନ୍ତେ ଗବେଷଣାଗାରକୁ ପଠାଇଛନ୍ତି। ପୂର୍ବରୁ ଏଠାରେ କୁକୁର ମାଂସ ବିକ୍ରି ହେଉଥିବା ଅଭିଯୋଗ ଆସିଥିଲା ବେଳେ ସୋସିଆଲ ମିଡିଆରେ ମଧ୍ୟ ଏହି ଫଟୋ ଭାଇରାଲ ହୋଇଛି। ପୂର୍ବରୁ ମ୍ୟୁନିସିପାଲ କର୍ପୋରେସନ ପକ୍ଷରୁ ଏହି ରେଷ୍ଟୁରାଣ୍ଟକୁ ନୋଟିସ ପଠାଯାଇଥିଲା ବେଳେ ଏହାର ମାଲିକ ଇରଫାନ କହିଛନ୍ତି ଯେ ଆମେ କେବେ ବି କୁକୁର ମାଂସ ବିକ୍ରି କରିନାହୁଁ। ଆମ ରେଷ୍ଟୁରାଣ୍ଟର ଭାବମୂର୍ତ୍ତୀକୁ ଖରାପ କରିବା ପାଇଁ କିଛି ବିରୋଧି ଏଭଳି ଚକ୍ରାନ୍ତ କରିଛନ୍ତି।

# ଦେବୀ ରାଧାଙ୍କ ଜନ୍ମ ରହସ୍ୟ

ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ। ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଚ୍ଛେଦ ହେବ। ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତ୍ତି ଏବଂ ବୃଷଭାନୁଙ୍କୁ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

# ବିହାରରେ ହେବ ବିଶ୍ୱର ସବୁଠାରୁ ବଡ଼ ମନ୍ଦିର

ପାଟନା ଖୁବଶୀଘ୍ର ବିହାରରେ ତିଆରି ହେବାକୁ ଯାଉଛି ବିଶ୍ୱର ସବୁଠାରୁ ବଡ଼ ମନ୍ଦିର। ଏଥିପାଇଁ ସମସ୍ତ ପ୍ରସ୍ତୁତି ଚୂଡାନ୍ତ ପର୍ଯଣ୍ଟ୍ୟାୟରେ ପହଞ୍ଚି ସାରିଛି। ପୂର୍ବରୁ ଏହି ମନ୍ଦିର ତିଆରି ପାଇଁ ତାରିଖ ଧାର୍ଯଣ୍ଟ୍ୟ ହୋଇଥିଲା ବେଳେ କାମ୍ବୋଡିଆ ସରକାରଙ୍କ ବିରୋଧ କାରଣରୁ ମନ୍ଦିରର ଢାଞ୍ଚାରେ ପରିବର୍ତ୍ତନ କରାଯାଉଛି। ପାଟନାସ୍ଥିତ ମହାବୀର ମନ୍ଦିର ଟ୍ରଷ୍ଟର କିଶୋର କୁଣାଳ କହିଛନ୍ତି ଯେ ଆମେ ଏଠାରେ ଏକ ବିରାଟ ରାମାୟଣ ମନ୍ଦିର ନିର୍ମାଣର ନିଷ୍ପତ୍ତି ନେଇଛୁ। ତେବେ କାମ୍ବୋଡିଆ ସରକାର ଅଭିଯୋଗ ଆଣିଥିଲେ ଯେ ପ୍ରସ୍ତାବିତ ମନ୍ଦିରର ଢାଞ୍ଚା ତାଙ୍କ ଦେଶରେ ଥିବା ଅଙ୍ଗକୋର ବାଟ ମନ୍ଦିରର ଢାଞ୍ଚା ସହ ଦିଶୁଛି। ସେଥିପାଇଁ ଆମେ ଏବେ ମନ୍ଦିରର ଢାଞ୍ଚାରେ ପରିବର୍ତ୍ତନ କରିସାରିଛୁ। ଆସନ୍ତା ହୋଲି ପର୍ବ ପରେ ମନ୍ଦିର



ନିର୍ମାଣ କାର୍ଯଣ୍ଟ୍ୟ ଆରମ୍ଭ ହେବ। ପ୍ରସ୍ତାବିତ ମନ୍ଦିରଟି ପଶ୍ଚିମ ଚମ୍ପାରଣଣ୍ଟ୍ୟ ଜିଲାର କେସରିଆ ନିକଟ ଜାନକି ନଗରର ୧୬୫ଏକର ସ୍ଥାନରେ ତିଆରି ହେବ। ପ୍ରଥମ ପର୍ଯଣ୍ଟ୍ୟାୟରେ ରାମାୟଣ ମନ୍ଦିର, ଶିବ ମନ୍ଦିର ଏବଂ ମହାବୀର ମନ୍ଦିରର ନିର୍ମାଣ ହେବାକୁ ଥିବା ବେଳେ ଏବାବଦରେ ୨୦୦କୋଟି ଟଙ୍କା ଖର୍ଚ୍ଚ କରାଯିବ। ମନ୍ଦିରର ମୁଖଣ୍ଟ୍ୟ ଆକର୍ଷଣ ହେଉଛି ଏହାର ୪୦୫ଫୁଟ ଉଚ୍ଚ ଅଷ୍ଟଭୂଜିୟ ମିନାର। ଏହା କାମ୍ବୋଡିଆର ମନ୍ଦିରର ମିନାର ଠାରୁ ୨୧୫ଫୁଟ ଅଧିକ ଉଚ୍ଚ ହେବ। ଏଥିସହ ମନ୍ଦିର ପରିସରରେ ୪୪ଫୁଟ ଉଚ୍ଚ ଏବଂ ୩୩ଫୁଟ ଗୋଲେଇ ବିଶିଷ୍ଟ ଏକ ଶିବ ଲିଙ୍ଗ ମଧ୍ୟ ପ୍ରତିଷ୍ଠା କରାଯିବାର ଯୋଜନା ରହିଛି। ଯାହା ବିଶ୍ୱର ସବୁଠାରୁ ବଡ଼ ଶିବ ଲିଙ୍ଗ ହେବ।

# ପ୍ରଦୂଷଣ ବିହୀନ କାର୍

ଗାଡ଼ିମଟରର ବ୍ୟବହାର ପ୍ରଦୂଷଣ ବଢ଼ାଇଥାଏ । କିନ୍ତୁ ଏହି ଫଟୋ ଦେଖି ଆପଣ ଅନୁମାନ ଲଗାଇପାରୁଥିବେ କାର୍ ନିର୍ମାତାମାନେ ପ୍ରଦୂଷଣ ରୋକିବା ପାଇଁ ଅନେକ ପରିଶ୍ରମ କରୁଛନ୍ତି । ଏହା ସ୍ମାର୍ଟ ଫୋରଟୁ କାର୍। ଏଥିରେ ପାଞ୍ଚ ବର୍ଗ ମିଟର କ୍ଷେତ୍ରରେ ଘାସ ଜମା ହୋଇଛି । ଯାହା ପ୍ରକୃତରେ ସତସତିକା ଘାସ ନୁହେଁ ଏହା ସିନ୍ଥେଟିକ ଘାସ। କାର ନିର୍ମାତାମାନେ ସେହି ସିନ୍ଥେଟିକ ଘାସର ବ୍ୟବହାର କରିଛନ୍ତି । ସ୍ମାର୍ଟ ଫୋରଟୁ କାର୍ ମୁବଲ ଲ୍ୟାବର ଗ୍ରୀନ୍ ସ୍କ୍ରିନ୍ ପ୍ରୋଜେକ୍ଟ ଅନ୍ତର୍ଗତ । ମୁବଲଙ୍କ କହିବା ଅନୁସାରେ ରାସ୍ତାରେ ଯେତେବେଳେ ଏହି ଧରଣର କାର୍ ଚଳିବ, ପ୍ରଦୂଷଣ କମ୍ ହେବ ଓ ପର୍ଯ୍ୟାବରଣର ପରିସ୍ଥିତି ସୁଧୁରିବ। ଏହି କାର୍‌କୁ ପ୍ରଥମେ ଜର୍ମାନଠାରେ ଷ୍ଟଟଗାର୍ଟରେ ଆସନ୍ତା ବର୍ଷର ପ୍ରଥମ ମାସରେ ସଡ଼କ ଉପରକୁ ଅଣାଯିବ । କମ୍ପାନୀର କହିବାନୁସାରେ ଏହି କାର୍ ପ୍ରତିବର୍ଷ ୭କିଲୋଗ୍ରାମ କାର୍ବନ ଡାଇଅକ୍ସାଇଡ୍ ଗ୍ୟାସ୍ କମ୍ କରିଥାଏ । ଯାହା ଗୋଟିଏ ଗଛ ସେହି ସମୟରେ ୨.୬କାର୍ବନକୁ ସଫା କରିଥାଏ । ଏମିତି ଦେଖିବାକୁ ଗଲେ ଅଟୋ ସେକ୍ଟରର ଇଞ୍ଜିନିୟର ମାନେ ଏବେ ଗ୍ରୀନ୍ ସଲ୍ୟୁସନ୍‌କୁ ନେଇ ଅଧିକ ଜାଗ୍ରତ ଅଛନ୍ତି । ଆମେରିକୀୟ କମ୍ପାନୀ ଫୋର୍ଡ଼ ଗିକି ସହିତ ମିଶି ଏହି ଦିଗରେ କାମ କରୁଛି ।




# ପ୍ରକୃତ ଭକ୍ତିର ଲକ୍ଷଣ !



ସନ୍ତୋଷ, ମନର ତୁଷ୍ଟିର ଅନ୍ୟ ଏକ ନାମ। ଏ ଦୃଶ୍ୟମାନ ଜଗତରେ ସବୁ କିଛି ସଂକଳ୍ପ ଶକ୍ତିର ଫଳ। ମଣିଷର ଜୀବନ ତାର ଚିନ୍ତାଧାରା ଉପରେ ନିର୍ଭର କରେ। ଜୀବନ ଅନେକ ପ୍ରକାର କର୍ମର ସମାହାର। ସଂକଳ୍ପ ଅତି ବଳବାନ। ଏହା ମଣିଷକୁ ମନର ଗୋଟିଏ ଅବସ୍ଥାରୁ ଆଉ ଏକ ଅବସ୍ଥାକୁ ଘେନି ଯାଇପାରେ। ଏହା ଗୋଟିଏ ପ୍ରକାର ମଣିଷକୁ ଆଉ ଏକ ପ୍ରକାର ମଣିଷ କରି ଦେଇପାରେ। ପୁରାକାଳରେ ଋଷିମାନେ ପ୍ରଥମାବସ୍ଥାରେ ସାଧାରଣ ଲୋକ ହିସାବରେ ଥିଲେ। କେବଳ ତାଙ୍କ ସଂକଳ୍ପ ବଳରେ ସେମାନେ ମହାନ ଲୋକ ହୋଇ ପାରିଥିଲେ। ସଂକଳ୍ପ ଶକ୍ତି ବଳରେ ଦସ୍ୟୁ ରତ୍ନାକର ମହର୍ଷି ବାଲ୍ମୀକି ହୋଇ ପାରିଥିଲେ। ସେହି ଶକ୍ତି ବଳରେ ରାମକୃଷ୍ଣ, ରାମକୃଷ୍ଣ ପରମହଂସ ହୋଇ ପାରିଥିଲେ। ଦୁଇ ପ୍ରକାର ସଂକଳ୍ପ ଅଛି। ଗୋଟିଏ ଦୂଷିତ ଓ ଅନ୍ୟଟି ପବିତ୍ର। ପବିତ୍ର ସଂକଳ୍ପ ବଳରେ ମାନବ କଲ୍ୟାଣ ଭଳି ସତକର୍ମ ମାନ ସାଧିତ ହୋଇପାରେ। ଦୂଷିତ ସଂକଳ୍ପରେ ଈର୍ଷା, ଘୃଣା, ସମାଲୋଚନା ପ୍ରଭୃତି ଭରି ରହିଥାଏ। ମଣିଷ ସ୍ୱଭାବର ଦୁଇଟି ପାଖ ଅଛି। ଗୋଟିଏ ପାଶବିକ ଓ ଅନ୍ୟଟି ଦୈବୀ। ମଣିଷ, କାମ, କ୍ରୋଧ, ଲୋଭ, ମୋହ, ମଦ, ମାତ୍ସର୍ଯ୍ୟ ପ୍ରଭୃତି ଷଡ଼ରିପୁଙ୍କ ଦ୍ୱାରା ଆକ୍ରାନ୍ତ। ମଣିଷ ତା'ଠାରେ ଥିବା ସୁପ୍ରବୃତ୍ତିକୁ ଭଲ କାମରେ ଲଗାଉ ନାହିଁ। ସୁଫଳ ସୃଷ୍ଟି କରୁଥିବା ସତକର୍ମମାନ ଓ ଈଶ୍ୱରଙ୍କ ପ୍ରତି ଉତ୍ସର୍ଗୀକୃତ ଜୀବନ ଦ୍ୱାରା ମାନବ ମାଧବକୁ ରୂପାନ୍ତରିତ ହୋଇଯାଇପାରେ। ଏ ମାର୍ଗରୁ ଦୂରେଇ ଗଲେ ସେ ଭୁଲ କରି ବସେ ଓ ପରିଶେଷରେ ଆସୁରି ପ୍ରବୃତ୍ତି ସମ୍ପନ୍ନ ହୋଇଯାଏ।

ମଣିଷର ଦେହକୁ ଗୋଟିଏ ରଥ ସହ ଓ ଆତ୍ମାକୁ ରଥର ସାରଥି ସହ ତୁଳନା କରାଯାଇପାରେ। ମଣିଷ ଭିତରୁ ଉପୁଜୁଥିବା ଭଲ ଓ ମନ୍ଦ ଚିନ୍ତା ଗୁଡ଼ିକ ପାଇଁ କାରଣ ମଧ୍ୟ ଅଛି। ଏକ ପାଖରେ କାରଣ ଓ ଅନ୍ୟ ପାଖରେ ଫଳାଫଳ। କାରଣ ଓ ଫଳାଫଳ ମଧ୍ୟରେ ଥିବା ସମ୍ପର୍କ ଅବର୍ଣ୍ଣନୀୟ। ସେମାନେ ପରସ୍ପର ନିର୍ଭରଶୀଳ, ଗୋଟିଏ ନଥିଲେ ଅନ୍ୟଟି ରହି ପାରିବ ନାହିଁ। କାରଣ ବିନା କୌଣସି ଘଟଣା ଘଟି ନପାରେ। କିନ୍ତୁ ଗୋଟିଏ କଥା ଅଛି ଯାହା କୌଣସି ହେତୁ ନଥାଇ ମଧ୍ୟ ପ୍ରବେଶ କରିଯାଏ। ତାହା ହେଉଛି ଅହଂଭାବ। ଅହଂଭାବ ଯୋଗୁଁ ମଣିଷ ଅନୁଭବ କରେ ଯେ ତା ସମକକ୍ଷ ଆଉ କେହିନାହିଁ। ଏହାଦ୍ୱାରା ସେ ନିଜକୁ ଭୁଲି ଯାଏ। ଅହଂକାରର ଏଭଳି ଶକ୍ତି। ଅହଂପୂର୍ଣ୍ଣ ଲୋକ କ'ଣ ଠିକ କ'ଣ ଭୁଲ ତାହା ଜାଣି ପାରେନାହିଁ। ସେ ଗୋଟିଏ ପଶୁ ତଥା ଅସୁର ଠାରୁ ବି ହୀନ ହୋଇଯାଏ। ଏହି ଅହଂକାର ବିନାଶ କରିବା ପାଇଁ ଆମକୁ ଆମର ସମସ୍ତ ମନ୍ଦ ଗୁଣ ଗୁଡ଼ିକୁ ହୋମାଗ୍ନିରେ ଉତ୍ସର୍ଗ କରି ଦେବାକୁ ପଡ଼ିବ।

ଆମଠାରେ ଯଦି ସାମାନ୍ୟ ମାତ୍ର ପରିବର୍ତ୍ତନ ନ ଆସିଲା, ତେବେ ଜୀବନ ବୃଥାରେ ନଷ୍ଟ ହୋଇଗଲା ବୋଲି ଜାଣ। ଆଜିକାଲି ଆମେ ଗୋଟିଏ ପ୍ରକାର କଥା କହୁ ତ ଆଉ ଗୋଟିଏ ପ୍ରକାର କାମ କରୁ। ଅହଂକାର ମଣିଷ ଭିତରେ ପ୍ରବେଶ କରି ଘଟିବାକୁ ଯାଉଥିବା କଥା ସବୁ ଭୁଲାଇ ଦେଉଛି। ଆମର ପ୍ରତ୍ୟେକ ଭୁଲ ପାଇଁ, ପ୍ରତ୍ୟେକ ଅପରାଧ ପାଇଁ, ପ୍ରତିଟି ମିଥ୍ୟା ବଚନ ପାଇଁ ଫଳଭୋଗ କରିବାକୁ ପଡ଼ିବ। ତେଣୁ ସୁଗୁଣର ଅଭିବୃଦ୍ଧି କରି ମଙ୍ଗଳ ଉଦ୍ଦେଶ୍ୟରେ ନିଜକୁ ଉତ୍ସର୍ଗ କରିବା।

**'ଯଦଭାବମ ତଦ ଭବତି।'** ଅର୍ଥାତ୍ ଆମେ ଯେମିତି ଭାବିବା ସେମିତି ହୋଇପାରିବା। ଭଗବାନ ଶ୍ରୀସତ୍ୟସାଇ ବାବା ତାଙ୍କ ସମ୍ଭାଷଣରେ କହିଛନ୍ତି 'କେବଳ ନିର୍ମଳ ହୃଦୟ ବ୍ୟକ୍ତିମାନେ ହିଁ ଈଶ୍ୱର ଦର୍ଶନ ଲାଭ କରନ୍ତି। ଅଧିକରୁ ଅଧିକ ଦୈବୀ କୃପା ଲାଭ କରି ନେବା ପାଇଁ ହୃଦୟକୁ ବୃହତରୁ ବୃହତ୍ତର କର। ଛୋଟିଆ ପାତ୍ରଟିଏ ନେଇ ଯାଇ ତୁମେ ସେଥିରେ ସମୁଦ୍ରର ସମୁଦାୟ ଜଳ ନେଇ ଆସିପାରିବ ନାହିଁ। ପାତ୍ରରେ ଯାଗା ଧରୁଥିବା ପରିମାଣର ଜଳ କେବଳ ପାଇ ପାରିବ। ତୁମେ ନିଜକୁ ଜଣେ ବଡ଼ ଭକ୍ତ ଓ ବହୁ ହିତକର କାର୍ଯ୍ୟରେ ସମ୍ପୃକ୍ତ ବୋଲି କହି ବିଶ୍ୱକୁ ଠକି ଠକି ଚାଲିଛ। ଜଣଙ୍କର କାର୍ଯ୍ୟ କଳାପ, ଆଚରଣ ବ୍ୟବହାରରୁ ହିଁ ପ୍ରକୃତ ଭକ୍ତି ଜଣା ପଡ଼ିବ।

**ଭବାଶିଷ ଦାସ**, ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, ପ୍ଲଟ ନଂ - ୧୪୫୦, ସେକ୍ଟର-୧୦, ସିଡିଏ, କଟକ, ଦୂରଭାଷ: ୯୮୬୧୧୧୮୬୭୩

# ରାଜ୍ୟର ସମସ୍ତ ୭୫ ଲକ୍ଷ ଚାଷୀଙ୍କୁ କାଳିଆ ଓ ପି.ଏମ୍. କିଷାନ ଯୋଜନାରେ ଅନ୍ତର୍ଭୁକ୍ତ କରାଯାଉ !

ଭୁବନେଶ୍ୱର (ପିଏନ୍)-ସମଗ୍ର ରାଜ୍ୟରେ ଚାଷୀକୁଳ ବହୁ ଦୁସ୍ଥିତି ମଧ୍ୟରେ ଗତି କରୁଛନ୍ତି। ଧାନକୁ ଛାଡ଼ି ଆଳୁ, ପିଆଜ, ଦୁଗ୍ଧ, ଅଣ୍ଡା ପ୍ରଭୃତି ଖାଦ୍ୟ ସାମଗ୍ରୀ ଉପରେ ଓଡ଼ିଶା ବାହାର ରାଜ୍ୟ ଉପରେ ସମ୍ପୂର୍ଣ୍ଣ ନିର୍ଭରଶୀଳ। କୃଷିଜାତ ଦ୍ରବ୍ୟର ଅଭାବୀ ବିକ୍ରିଠାରୁ ମଣ୍ଡି ଅବ୍ୟବସ୍ଥା, ଜଳସେଚନ କ୍ଷେତ୍ରରେ ନୈରାଶ୍ୟଜନକ ସ୍ଥିତି, ଫସଲ ସଂରକ୍ଷଣ ପାଇଁ ଶୀତଳଭଣ୍ଡାର ଓ ଶସ୍ୟ ସଂଗ୍ରହ ପାଇଁ ଗୋଦାମ ଘର ନଥିବା ଅତ୍ୟନ୍ତ ଦୁର୍ଭାଗ୍ୟର ବିଷୟ। ଉଭୟ ସରକାର ୨୦୨୨ ସୁଦ୍ଧା ଚାଷୀର ଆୟ ଦ୍ୱିଗୁଣ କରିବା ପାଇଁ ୫ ବର୍ଷ ତଳୁ ଡିଣ୍ଡିମ ପିଟୁଥିବା ବେଳେ ଜାତୀୟ ସ୍ତରରେ ଚାଷୀର ମାସିକ ଆୟ ୧୦ ହଜାର ଟଙ୍କା ଥିବାବେଳେ ଓଡ଼ିଶାର ଚାଷୀଙ୍କ ମାସିକ ଆୟ ବର୍ତ୍ତମାନ ମାତ୍ର ୫୧୧୨ଟଙ୍କା। ସରକାର କାଳିଆ ଓ ପିଏମ୍ କିଷାନ ଯୋଜନାରେ କୃଷକଙ୍କ ପାଇଁ ସାମୟିକ ସହାୟତା ଦେଉଥିବା ବେଳେ ଏବେ ଚାଷୀକୁଳର ବିକାଶ ହେଉ ନାହିଁ ବୋଲି ଓଡ଼ିଶା ପ୍ରଦେଶ କିଷାନ କଂଗ୍ରେସ ଅଧ୍ୟକ୍ଷ ଅମିୟ କୁମାର ପଟ୍ଟନାୟକ କହିଛନ୍ତି।

ବିପର୍ଯ୍ୟସ୍ତ କୃଷି କ୍ଷେତ୍ରରେ ଉନ୍ନତି ଆଣିବାକୁ ହେଲେ ଦୀର୍ଘସ୍ଥାୟୀ କୃଷି ଭିତ୍ତିଭୂମିର ସୁଦୃଢ଼ ହେବା ଏକାନ୍ତ ଜରୁରୀ। ଯଥା - ଉତ୍ପାଦିତ କୃଷିଜାତ ଦ୍ରବ୍ୟରେ ଚାଷୀଙ୍କୁ ଉଚିତ୍ ମୂଲ୍ୟ ପ୍ରଦାନ, ଠିକଣା ସମୟରେ ବିହନ, ସାର, କୃଷିଋଣ ଓ ଫସଲବୀମା କ୍ଷତିପୂରଣ ସହାୟତା ରାଶି ଦୀର୍ଘସ୍ଥାୟୀ ଜଳସେଚନ ବ୍ୟବସ୍ଥା, ସଂରକ୍ଷଣ ପାଇଁ ଶୀତଳଭଣ୍ଡାର, କୃଷିଭିତ୍ତିକ ଶିଳ୍ପ ଯଥା- ତେଲ କଳ, ସୁତା କଳ, ଆଖୁ କଳ, ଖାଦ୍ୟ ପ୍ରଭୃତି ଓ ପ୍ରକ୍ରିୟାକରଣ ସହ କୃଷିଜାତ ଦ୍ରବ୍ୟ ରପ୍ତାନି ବ୍ୟବସ୍ଥା କରାଯିବା ଆବଶ୍ୟକ। ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ପ୍ରତିଶ୍ରୁତି ଅନୁଯାୟୀ କାଳିଆ ଯୋଜନାରେ ରାଜ୍ୟର ୭୫ ଲକ୍ଷ ଚାଷୀ ଅନ୍ତର୍ଭୁକ୍ତ ହେବା କଥା, ହେଲେ ବର୍ତ୍ତମାନ ୫୩ ଲକ୍ଷ ଚାଷୀଙ୍କୁ କାଳିଆ ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇଛି। ରାଜ୍ୟ ସରକାର ବର୍ଷକୁ ଦୁଇଟି କିସ୍ତିରେ ଚାଷୀଙ୍କୁ ୧୦ ହଜାର ଟଙ୍କା ସହାୟତା ଦେବାପାଇଁ ଘୋଷଣା କରିଥିବା ବେଳେ ଏବେ ଦୁଇଟି କିସ୍ତିରେ ମୋଟ ୪ ହଜାର ଟଙ୍କା ଦେଉଛନ୍ତି। ଅନୁରୂପ ଭାବେ କେନ୍ଦ୍ର ସରକାର ତିନୋଟି କିସ୍ତିରେ ବର୍ଷକୁ ୬ ହଜାର ଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ଏବେ ଓଡ଼ିଶାର ୭୫ ଲକ୍ଷ ଚାଷୀଙ୍କ ମଧ୍ୟରୁ ୩୯ ଲକ୍ଷ ଚାଷୀଙ୍କୁ ପିଏମ କିଷାନରେ ଅନ୍ତର୍ଭୁକ୍ତ କରାଯାଇଛି। ତେବେ ରାଜ୍ୟର ଆଉ ୨୨ ଲକ୍ଷ ଏବଂ କେନ୍ଦ୍ରର ୩୬ ଲକ୍ଷ ଚାଷୀଙ୍କୁ ଅନ୍ତର୍ଭୁକ୍ତ କରିନାହାନ୍ତି କାହିଁକି ବୋଲି ଶ୍ରୀ ପଟ୍ଟନାୟକ ଉଭୟ ସରକାରଙ୍କଠାରେ ଶ୍ୱେତପତ୍ର ପ୍ରକାଶ ପାଇଁ ଦାବୀ କରିଛନ୍ତି। ବିଜେଡ଼ି ସରକାରର ୨୨ ବର୍ଷ ଶାସନକାଳ ମଧ୍ୟରେ ରାଜ୍ୟରେ ଭାଗଚାଷୀ, କ୍ଷୁଦ୍ର ଓ ମଧ୍ୟମ, ନାମମାତ୍ର, ଭାଗଚାଷୀ, କୃଷି ଶ୍ରମିକ ଓ କୃଷିଜୀବି ମହିଳାଙ୍କ ସଂଖ୍ୟା କେତେ ଏହାର ତାଲିକା ପ୍ରସ୍ତୁତ କରାଯାଇପାରିଲା ନାହିଁ। ରାଜ୍ୟର ମୋଟ ଜନସଂଖ୍ୟାର ୭୦ ପ୍ରତିଶତ ହେଲେ ଚାଷୀ। ତଦନୁଯାୟୀ ସରକାର ବାଦ୍ ପଡ଼ିଥିବା ଚାଷୀଙ୍କୁ କାଳିଆ ଏବଂ ପିଏମ୍ କିଷାନ ଯୋଜନାରେ ତୁରନ୍ତ ଅନ୍ତର୍ଭୁକ୍ତ କରିବା ସହ ବାସ୍ତବ କ୍ଷେତ୍ରରେ ଚାଷୀର ଆୟ ବୃଦ୍ଧି ପାଇଁ ଏକ ଦୀର୍ଘସ୍ଥାୟୀ ବ୍ୟବସ୍ଥା କରିବାକୁ ଦାବୀ କରିଛନ୍ତି। ନଚେତ୍ ଆଗାମୀ ଦିନରେ କିଷାନ କଂଗ୍ରେସ ପକ୍ଷରୁ ଉଭୟ ସରକାରଙ୍କ ବିରୁଦ୍ଧରେ ଚାଷୀ ଆନ୍ଦୋଳନ ମୁଣ୍ଡ ଟେକିବ ବୋଲି ଅଧ୍ୟକ୍ଷ ଶ୍ରୀ ପଟ୍ଟନାୟକ ସରକାରଙ୍କୁ ଚେତାବନୀ ଦେଇଛନ୍ତି।

## ଲୁହା ପ୍ଲେଟ୍ ଚୋରି ଅଭିଯୋଗରେ ଜଣେ ଗିରଫ

ଧର୍ମଶାଳା (ପିଏନ୍): ଧର୍ମଶାଳା ବ୍ଲକ ଜେନାପୁର ଥାନା ଅନ୍ତର୍ଗତ ବାଲିକୁଦିଆ ଠାରେ ନିର୍ମାଣାଧିନ ମେଗା ପାନୀୟ ଜଳ ପ୍ରକଳ୍ପରୁ ଲୁହାପ୍ଲେଟ୍ ଚୋରୀ ଘଟଣାରେ ପୁଲିସ ଜଣକୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ବାଲିକୁଦିଆ ଅଂଚଳର ପ୍ରଦୀପ ମଲିକ ବୋଲି ଜଣାଯାଇଛି। ସୂଚନା ମୁତାବକ ଗତକାଲି ରାତିରେ କିଛି ଦୁର୍ବୃତ୍ତ ବାଲିକୁଦିଆ ଠାରେ ନିର୍ମାଣାଧିନ ମେଗାପାନୀୟ ଜଳ ଯୋଗାଣ ପ୍ରକଳ୍ପ ସାଇଟରେ ପଶି ଲୁହା ପ୍ଲେଟ ଚୋରୀ କରିନେଇଥିଲେ। ଏନେଇ କମ୍ପାନୀର କର୍ମଚାରୀ ଚନ୍ଦନ କୁମାର ଧଳ ଥାନାରେ ଅଭିଯୋଗ କରିଥିଲେ। ପୁଲିସ ୨୪୫/୨୨ରେ ଏକ କେଶ ରୁଜୁ କରି ତଦନ୍ତ ଚଳାଇ ବାଲିକୁଦିଆ ଗ୍ରାମର ପ୍ରଦୀପକୁ ଗିରଫ କରିବା ସହ ତା' ନିକଟରୁ ଚୋରୀ ହୋଇଥିବା ୮୦ କେଜି ଲୁହା ପ୍ଲେଟ ଜବତ କରିଛି। ଅଭିଯୁକ୍ତ ପ୍ରଦୀପକୁ ଚଣ୍ଡିଖୋଲ କୋର୍ଟକୁ ଚାଲାଣ କରାଯାଇଛି ଏବଂ ଏହି ଚୋରୀ ଘଟଣାରେ ସମ୍ପୃକ୍ତ ଅନ୍ୟମାନଙ୍କୁ ଖୁବ ଶିଘ୍ର ଗିରଫ କରାଯିବ ବୋଲି ଥାନା ଅଧିକାରୀ ଉମାକାନ୍ତ ନାୟକ ସୂଚନା ଦେଇଛନ୍ତି।

## ଭାଉଜଙ୍କୁ ଅସଦାଚରଣ, ଦିଅର ଗିରଫ

ଧର୍ମଶାଳା (ପିଏନ୍): ନିଜ ଭାଉଜଙ୍କୁ ଅସଦାଚରଣ ଓ ଝିଆରୀକୁ ମାଡ଼ମାରିବା ଅଭିଯୋଗରେ ଧର୍ମଶାଳା ଥାନା ଅନ୍ତର୍ଗତ ସୁନ୍ଦୁରିଆ ଗ୍ରାମର ସେକ୍ ସମଦ୍ (୨୭)କୁ ପୁଲିସ୍ ଗିରଫ କରିଛି। ଭାଉଜଙ୍କ ଏତଲାକ୍ରମେ ଏକ ମାମଲା ରୁଜୁ କରି ପୁଲିସ୍ ଦିଅର ସମଦ୍‌କୁ ଚଣ୍ଡିଖୋଲ କୋର୍ଟ ଚାଲାଣ କରିଛି। ଜାମିନ୍ ନାମଂଜୁର ହେବାରୁ ସମଦ୍‌କୁ ରଗଡ଼ି ବିଚାର ବିଭାଗୀୟ ଜେଲକୁ ପଠାଇ ଦିଆଯାଇଛି।

## ୪ ୱାରେଣ୍ଟି ଗିରଫ

ଧର୍ମଶାଳା (ପିଏନ୍): ବିଭିନ୍ନ ମାମଲାରେ ଫେରାର୍ ଥିବା ୪ଜଣ ୱାରେଣ୍ଟିଙ୍କୁ ଧର୍ମଶାଳା ଥାନା ପୁଲିସ୍ ଗିରଫ କରିଛି। ଗିରଫ ନରସିଂହପୁର ଗ୍ରାମର ସୁଦର୍ଶନ ସାହୁଙ୍କ ପତ୍ନୀ ଗୀତାଂଜଳି ସାହୁ, ପୁଅ ସିପୁନ୍ ସାହୁ, ନେଉଳପୁର ଗ୍ରାମର ସେକ୍ ନଇମତ୍ ଓ ମହମ୍ମଦ ଇବ୍ରାହିମ୍‌ଙ୍କୁ ପୁଲିସ୍ ଗତକାଲି ଚଣ୍ଡିଖୋଲ ଚାଲାଣ କରିଥିବା ଜଣାପଡ଼ିଛି।

## ଟିପର ଚୋରି ଅଭିଯୋଗ

ଧର୍ମଶାଳା (ପିଏନ୍): ଧର୍ମଶାଳା ବ୍ଲକ ଜେନାପୁର ଥାନା ଅନ୍ତର୍ଗତ ବାରକଣା ଗାଁ ନିକଟରୁ ଏକ ଟିପର(ଟ୍ରକ୍) ଗାଡି ଚୋରୀ ହୋଇଥିବା ନେଇ ଜେନାପୁର ଥାନାରେ ଅଭିଯୋଗ ହୋଇଛି। ସୂଚନା ମୁତାବକ ବାରକଣା ଗ୍ରାମର ମୋହନ ସାହୁଙ୍କ ପୁଅ ଚଲାଉଥିବା ଓଆର ୦୪-ଇ-୧୩୧୮ ନଂ ଟିପର ଗାଡିକୁ ଗତକାଲି ତାଙ୍କପୁଅ ଗାଁ ନିକଟରେ ରଖି ରାତିରେ ଘରେ ଶୋଇପଡିଥିବା ବେଳେ କେହି ଦୁର୍ବୃତ୍ତ ରାତିରେ ଟିପରଟିକୁ ଚୋରୀ କରିନେଇଥିବା ସକାଳେ ଜଣାପଡିଥିଲା। ଏନେଇ ମୋହନ ଜେନାପୁର ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ପାଇ ଜେନାପୁର ପୁଲିସ ଘଟଣାର ତଦନ୍ତ ଚଳାଇଛି।

# ସତ୍ୟର ନୀରବ ସାଧକ ପ୍ରଫେସର ବି.ବି. ଲାଲ

ଡ. ସମନ୍ୱୟ ନନ୍ଦ

ଦେଶର ଖ୍ୟାତନାମା ପ୍ରତ୍ନତତ୍ତ୍ୱବିତ ପ୍ରଫେସର ବିବି ଲାଲ ଆଉ ନାହାନ୍ତି। ୧୦୧



ବର୍ଷ ବୟସରେ ସେ ତାଙ୍କର ଶେଷନିଃଶ୍ୱାସ ନେଇଛନ୍ତି। ତାଙ୍କ ବିୟୋଗରେ ପ୍ରଧାନମନ୍ତ୍ରୀଙ୍କ ଠାରୁ ଆରମ୍ଭ କରି ଅନେକ ମାନ୍ୟଗଣ୍ୟ ଲୋକମାନେ ଗଭୀର ଶୋକ ପ୍ରକାଶ କରିଛନ୍ତି। ଅଯୋଧ୍ୟାରେ ବାବରୀ ଢାଂଚା ତଳେ ମନ୍ଦିର ଥିବାର ପ୍ରମାଣ ହେଉ, ଇଂରେଜଙ୍କ ଦ୍ୱାରା ଦିଆଯାଇଥିବା ଅତ୍ୟନ୍ତ ଅବୈଜ୍ଞାନିକ ଆର୍ଯ୍ୟ ଆକ୍ରମଣ ସିଦ୍ଧାନ୍ତ ବିରୁଦ୍ଧରେ ଅକାଟ୍ୟ ତର୍କ ପ୍ରଫେସର ଲାଲ ଦେଇଥିଲେ।

ଇଂରେଜମାନେ ସେମାନଙ୍କର ଔପନିବେଶିକ ସ୍ୱାର୍ଥର ପୂର୍ତ୍ତି କରିବାକୁ ଓ ସେମାନଙ୍କର ଶାସନକୁ ଦୀର୍ଘସ୍ଥାୟୀ କରିବାକୁ ଶିକ୍ଷା, ଇତିହାସ ଏପରିକି ପ୍ରତ୍ନତତ୍ତ୍ୱକୁ ବ୍ୟବହାର କରିଥିଲେ। ଇଂରେଜମାନେ ବିଶେଷ ଭାବେ ଇତିହାସ ଓ ପ୍ରତ୍ନତତ୍ତ୍ୱର ବ୍ୟବହାର ସତ୍ୟ ଜଣାଇବାକୁ କରୁ ନ ଥିଲେ ବରଂ ସେମାନେ ଏଗୁଡିକର ବ୍ୟବହାର ଭାରତର ଜନମାନସରେ ହଜାର ହଜାର ବର୍ଷ ଧରି ଅଂକିତ ଥିବା ତଥ୍ୟକୁ ଭୁଲ ବୋଲି ପ୍ରମାଣିତ କରିବାକୁ କରି ଆସିଥିଲେ। ଏପରି କରିବା ପଛରେ ସେମାନଙ୍କର ମୁଖ୍ୟ ଉଦ୍ଦେଶ୍ୟ ଥିଲା ଭାରତୀୟମାନଙ୍କ ମନରେ ହୀନମନ୍ୟନତାର ଭାବନା ସୃଷ୍ଟି କରିବା। ଯେଉଁ ଜାତି ମନରେ ହୀନମନ୍ୟତାର ଭାବନା ସୃଷ୍ଟି ହୋଇଯାଏ, ଯେଉଁ ଜାତି ଆତ୍ମହୀନତାର ଶିକାର ହୋଇଯାଏ, ତା' ଉପରେ ଶାସନ କରିବା ଖୁବ ସହଜ ହୋଇଥାଏ। ଯେଉଁ ଜାତି ତାର ଇତିହାସରୁ ପ୍ରେରଣା ଲାଭ କରେ ଓ ଭୁଲରୁ ଶିକ୍ଷା ଗ୍ରହଣ କରିଥାଏ ସେହି ଜାତି ଉପରେ ଦୀର୍ଘ ସମୟ ଧରି ଶାସନ କରିବା ସମ୍ଭବ ହୋଇ ନ ଥାଏ। ଗୋରା ଇଂରେଜ ଧୂର୍ତ୍ତମାନେ ଏହାକୁ ଭଲ ଭାବେ ଜାଣିଥିଲେ।

ଏହି କାରଣରୁ ଇଂରେଜମାନେ ଭାରତରେ ଆର୍ଯ୍ୟ ଆକ୍ରମଣ ସିଦ୍ଧାନ୍ତ, ରାମାୟଣ-ମହାଭାରତ ଆଦି ଭାରତର ଇତିହାସ ନୁହେଁ ବରଂ ଏହାକୁ ମାଇଥୋଲୋଜି ବୋଲି ପ୍ରଚାରିତ କରି ଆସୁଥିଲେ। ଭାରତ ସ୍ୱାଧୀନ ହେବା ପରେ ଏହି ଦୃଷ୍ଟି ବଦଳି ଯିବାର ଆବଶ୍ୟକତା ଥିଲା। ହେଲେ ଦୁର୍ଭାଗ୍ୟର ବିଷୟ ଯେ ଭାରତ ସରକାର ଓ ଭାରତ ସରକାରଙ୍କ ଦ୍ୱାରା ଗଠିତ ସଂସ୍ଥାମାନଙ୍କରେ ଏଥିରେ କୌଣସି ପ୍ରକାର ପରିବର୍ତ୍ତନ ଆସି ନଥିଲା। ସେମାନେ ଏଥିରେ ଭାରତୀୟ ଦୃଷ୍ଟିକୋଣ ଆଣିବା ପରିବର୍ତ୍ତେ ମଧ୍ୟ ଇଂରେଜମାନଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା ଔପନିବେଶିକ ନ୍ୟାରେଟିଭକୁ ହିଁ ଆଗକୁ ବଢାଇଥିଲେ। ଏହି ସଂସ୍ଥାମାନଙ୍କରେ ବାମପନ୍ଥୀମାନଙ୍କ ପ୍ରବେଶ କାରଣରୁ ଭାରତ ସ୍ୱାଧୀନ ହେବାପରେ ମଧ୍ୟ ସ୍କୁଲର ପାଠ୍ୟକ୍ରମରେ ଆର୍ଯ୍ୟମାନେ ବାହାରୁ ଆସିଥିଲେ ଭଳି ମିଥ୍ୟା ସିଦ୍ଧାନ୍ତଗୁଡିକୁ ପଢାହୋଇ ଆସୁଥିଲା। ହେଲେ ପ୍ରସିଦ୍ଧ ପ୍ରତ୍ନତତ୍ତ୍ୱବିତ ପ୍ରଫେସର ବି.ବି. ଲାଲ ଜଣେ ଏପରି ସତ୍ୟର ସାଧକ ଥିଲେ ଯିଏ ଏହି ସମସ୍ତ ବାମପନ୍ଥୀ ଓ ଔପନିବେଶିକ ଥ୍ୟୋରୀ ଗୁଡିକୁ ନିଜର ବୈଜ୍ଞାନିକ ପ୍ରତ୍ନତାତ୍ତ୍ୱିକ ଅନୁସନ୍ଧାନ ଆଧାରରେ ଧରାଶାୟୀ କରିଥିଲେ। ସେ ତାଙ୍କର ଅନେକ ଦଶନ୍ଧି ଧରି ପ୍ରତ୍ନତାତ୍ତ୍ୱିକ କାମରେ ଅନେକ ଗୁରୁତ୍ୱପୂର୍ଣ୍ଣ କାମ କରିଥିଲେ। ଏହାମଧ୍ୟରୁ ତାଙ୍କର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କାମ ହେଲା ଯେ ସେ ଅଯୋଧ୍ୟାରେ ବାବରୀ ଢାଂଚା ତଳେ ମନ୍ଦିର ଥିବା କଥା କହିଥିଲେ। ଏହାଫଳରେ ବାମପନ୍ଥୀ ତଥା ଆଲିଗଡ ମୁସଲିମ ବିଶ୍ୱବିଦ୍ୟାଳୟର ଐତିହାସିକମାନଙ୍କଠାରୁ ତାଙ୍କୁ ଅନେକ ସମାଲୋଚନାର ଶରବ୍ୟ ହେବାକୁ ପଡିଥିଲା। ଇତିହାସ କ୍ଷେତ୍ରରେ ଏହି ବାମପନ୍ଥୀ ଐତିହାସିକମାନଙ୍କର ପ୍ରଭାବ ଖୁବ ଅଧିକ ରହି ଆସିଛି। ସେମାନେ ସରକାର ଓ ଶାସନର ସଂରକ୍ଷଣରେ କଳାକୁ ଧଳା କରିବା ଓ ଧଳାକୁ କଳା କରିବା କାମ ଲଗାତାର ଭାବେ କରି ଆସିଛନ୍ତି। ସେମାନେ ଭାରତର ରାଜା ସେମାନଙ୍କର ଶାସନ ବ୍ୟବସ୍ଥା ସେମାନଙ୍କ ସମୟର ସମାଜ ବ୍ୟବସ୍ଥାକୁ 'ଜହାଲତରେ ପରିପୂର୍ଣ୍ଣ' ବୋଲି ଘୋଷଣା କରିବା ସହ ମଧ୍ୟ-ଏସିଆରୁ ଆସିଥିବା ଆକ୍ରମଣକାରୀ ମାନେ କିପରି ଶ୍ରେଷ୍ଠ ଥିଲେ ତାହା ଲେଖି ଭାରତର ଜନମାନସକୁ ଭ୍ରମିତ କରିବାର କାମ କରି ଆସିଛନ୍ତି। ତାଙ୍କ ଦ୍ୱାରା ଦିଆଯାଇଥିବା ଥ୍ୟୋରୀ ବିରୁଦ୍ଧରେ ଯଦି କେହି ଗଲା, ତେବେ ଏକାଦେମିକ କ୍ଷେତ୍ରରେ ତାଙ୍କୁ ସମାପ୍ତ କରିଥା'ନ୍ତି। ତେଣୁ ପ୍ରଫେସର ବି. ବି. ଲାଲ ତାଙ୍କ ଟାର୍ଗେଟରେ ରହିବା ସ୍ୱାଭବିକ ଥିଲା। ଏହାସତ୍ତ୍ୱେ ପ୍ରଫେସର ବି. ବି. ଲାଲ କେବେହେଲେ ସତ୍ୟରୁ ବିଚ୍ୟୁତ ହୋଇ ନଥିଲେ। ପ୍ରଫେସର ବି.ବି. ଲାଲ ଅନେକ ମହାଭାରତ ସହ ଜଡିତ ସ୍ଥଳର ଉତ୍ଖନନ କାମ କରିଥିଲେ। ସେ ୧୯୭୫ ମସିହାରେ ଆର୍କିଓଲଜି ଅଫ ଦି ରାମାୟଣ ସାଇଟ୍ସ ନାମରେ ଏକ ପ୍ରକଳ୍ପ କାମ ଆରମ୍ଭ କରିଥିଲେ। ଏହି ପ୍ରକଳ୍ପରେ ସେ ରାମାୟଣ ସହ ଜଡିତ ବିଭିନ୍ନ ସ୍ଥାନ ଅଯୋଧ୍ୟା, ଭରଦ୍ୱାଜ ଆଶ୍ରମ, ନନ୍ଦୀଗ୍ରାମ, ଚିତ୍ରକୂଟରେ ଏହି ପ୍ରକଳ୍ପର ନେତୃତ୍ୱ ନେଇଥିଲେ।

ରାମ ଜନ୍ମଭୂମି ସ୍ଥଳରେ ଉତ୍ଖନନ ବେଳେ ଏହି ଟିମରେ ସାମିଲ ଥିବା (ସେତେବେଳେ ଯୁବାବସ୍ଥାରେ ଥିବା) କେ. କେ. ମୋହମ୍ମଦ ତାଙ୍କର ଗୁରୁ ଅର୍ଥାତ ବି. ବି. ଲାଲଙ୍କ ସମ୍ପର୍କରେ ଏକ ଲେଖା ଲେଖିଛନ୍ତି। ସେ କହିଛନ୍ତି ଯେ ଜନ୍ମଭୂମି ସ୍ଥଳରେ ପୂର୍ବରୁ ସେଠାରେ ମନ୍ଦିର ରହିଥିବାର ସ୍ପଷ୍ଟ ପ୍ରମାଣ ମିଳିଥିଲା। ହେଲେ ମାର୍କସବାଦୀ ଐତିହାସିକ ମାନେ ଅଯୋଧ୍ୟା ଉତ୍ଖନନ ଓ ବିଶେଷ ଭାବେ ଏହାର ନେତୃତ୍ୱ ନେଇଥିବା ପ୍ରଫେସର ବି.ବି. ଲାଲଙ୍କ ଉପରେ ଆକ୍ରମଣ ଆରମ୍ଭ କରି ଦେଇଥିଲେ। କେ.କେ. ମୋହମ୍ମଦଙ୍କ କହିବା କଥା ହେଲା ଯେ ଯେଉଁ ଲୋକମାନେ ପ୍ରଫେସର ଲାଲଙ୍କ ଉପରେ ଆକ୍ରମଣ କରୁଥିଲେ ସେମାନେ ଐତିହାସିକ ଥିଲେ, ପ୍ରତ୍ନତତ୍ତ୍ୱ ବିଷୟରେ କହିବାର ସେମାନେ ଅଧିକାରୀ ନ ଥିଲେ। ସେମାନଙ୍କୁ ପ୍ରତ୍ନତତ୍ତ୍ୱରେ ବ୍ୟବହାର ହେଉଥିବା ଟେକ୍ନିକ ଓ ଅନ୍ୟ ବିଷୟ ଜଣା ନ ଥିଲା। ଏହାସତ୍ତ୍ୱେ ଏହି ମାର୍କ୍ସବାଦୀ ଐତିହାସିକମାନେ ପ୍ରଫେସର ଲାଲଙ୍କ ବିରୁଦ୍ଧରେ ଗଣମାଧ୍ୟମରେ ଆକ୍ରମଣ ଜାରୀ ରଖିଥିଲେ। କେ.କେ. ମୋହମ୍ମଦଙ୍କ କହିବା କଥା ଯେ ଏହାପରେ ଏଏସଆଇ ଓ ପ୍ରଫେସର ବି.ବି. ଲାଲଙ୍କ ଉପରେ କମ୍ୟୁନିଷ୍ଟମାନଙ୍କର ଆକ୍ରମଣ ନ କମିବା କାରଣରୁ ସେ ଗଣମାଧ୍ୟମରେ ଏହାଉପରେ ପ୍ରତିକ୍ରିୟା ଦେବାକୁ ସ୍ଥିର କଲେ। ସେ ୧୯୯୦ ମସିହା ଡିସେମ୍ବର ୧୫ ତାରିଖ ଦିନ ଏକ ଇଂରାଜୀ ସମ୍ବାଦପତ୍ରରେ ପତ୍ରରେ ଏକ ଲେଖା ଲେଖି କହିଲେ ଯେ ସେ ନିଜେ ଜଣେ ମୁସଲମାନ। ସେ ଖନନକାରୀ ଦଳର ଜଣେ ସଦସ୍ୟ ଥିଲେ। ବିବାଦୀୟ ଢାଂଚା ତଳେ ମନ୍ଦିରର ଭଗ୍ନାବଶେଷ ରହିଛି। ଅଯୋଧ୍ୟା ହିନ୍ଦୁମାନଙ୍କର ପବିତ୍ର ସ୍ଥଳ ହୋଇଥିବା କାରଣରୁ ମୁସଲମାନ ମାନଙ୍କୁ ସ୍ୱେଚ୍ଛାରେ ରାମ ଜନ୍ମଭୂମିକୁ ଦେଇଦେବା ଉଚିତ। ଡ. କେ.କେ. ମୋହମ୍ମଦ ଆଗକୁ ଲେଖିଲେ ଯେ ଏହା ପରେ ମାର୍କ୍ସବାଦୀ ଓ ଆଲିଗଡ ମୁସଲିମ ବିଶ୍ୱବିଦ୍ୟାଳୟର ଐତିହାସିକମାନେ ତାଙ୍କ ପ୍ରତି ରକ୍ତମୁଖା ହୋଇପଡିଥିଲେ।

କେ.କେ. ମୋହମ୍ମଦଙ୍କ ଏହି ଲେଖା ଉପରେ କମ୍ୟୁନିଷ୍ଟ ଐତିହାସିକମାନେ ଯେଉଁଳି ପ୍ରତିକ୍ରିୟା ଦେଇଥିଲେ ସେଥିରୁ ବାମପନ୍ଥୀ ଐତିହାସିକମାନଙ୍କର ପ୍ରଫେସର ବି.ବି. ଲାଲଙ୍କ ପ୍ରତି କେତେ କ୍ରୋଧ ଥିଲା, ତାହା ଅନୁମାନ କରାଯାଇପାରେ। ଏହାସତ୍ତ୍ୱେ ପ୍ରଫେସର ବି. ବି. ଲାଲ ତାଙ୍କର କାମ ଜାରୀ ରଖିଥିଲେ। ସମାଲୋଚନା ତାଙ୍କୁ ତାଙ୍କ କାମରୁ ଦୂର କରିପାରି ନ ଥିଲା। ଅଯୋଧ୍ୟା ମାମଲାର ଯେତେବେଳେ ସୁପ୍ରିମକୋର୍ଟର ରାୟ ଆସିଲା ସେତେବେଳେ ସେ ଏହାର ପ୍ରତିକ୍ରିୟାରେ କହିଲେ-"ଏଏସଆଇର ନିଷ୍କର୍ଷଗୁଡିକ ସୁପ୍ରିମକୋର୍ଟ ନୋଟିସରେ ନେଇଥିବାରୁ ମୁଁ ଅତ୍ୟନ୍ତ ଖୁସି।"

ଏ ସମ୍ପର୍କରେ ତାଙ୍କର ଏକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଓ ଉପାଦେୟ ପୁସ୍ତକ 'ରାମ, ହିଜ ହିଷ୍ଟରିସିଟି, ମନ୍ଦିର ଏଣ୍ଡ ସେତୁ: ଏଭିଡେନ୍ସ ଅଫ ଲିଟରେଚର, ଆର୍କିଓଲଜି ଏଣ୍ଡ ଅଦର ସାଇନ୍ସେସ' ରହିଛି। ପ୍ରଫେସର ବି.ବି. ଲାଲ କେବଳ ରାମାୟଣ ସ୍ଥଳ ଉପରେ କାମ କରି ନାହାନ୍ତି। ସେ ମହାଭାରତ ସ୍ଥଳଗୁଡିକ ଉପରେ



ମଧ୍ୟ ଦୀର୍ଘଦିନ ଧରି କାମ କରିଥିଲେ।

ପ୍ରଫେସର ବି.ବି. ଲାଲ ଜଣେ ସତ୍ୟାନ୍ୱେଷୀ ଭାବେ ତାଙ୍କର କାମ କରିଥିଲେ। ସେ ମହାଭାରତ ସହ ଜଡିତ ଅନେକ ସ୍ଥାନ ଯେପରି ମେରଠ ନିକଟରେ ହସ୍ତିନାପୁର, ମଥୁରା ଓ କୁରୁକ୍ଷେତ୍ର ଆଦି ସ୍ଥାନରେ ତଥା ଇନ୍ଦ୍ରପ୍ରସ୍ଥ ଆଦି ସ୍ଥାନରେ ପ୍ରତ୍ନତାତ୍ତ୍ୱିକ ପ୍ରକଳ୍ପରେ କାମ କରିଥିଲେ। ବାମପନ୍ଥୀମାନେ ମହାଭାରତକୁ କେବଳ କପୋଳ କଳ୍ପନା କହୁଥିବା ବେଳେ ପ୍ରଫେସର ଲାଲ ମହାଭାରତର ଐତିହାସିକତାକୁ ପ୍ରମାଣିତ କରି ବାମପନ୍ଥୀ ଐତିହାସିକମାନଙ୍କ ଗାଲରେ ଶକ୍ତ ଚାପୁଡା ଲଗାଇଥିଲେ।

କେବଳ ସେତିକି ନୁହେଁ ପ୍ରଫେସର ଲାଲ ବ୍ରିଟିଶମାନଙ୍କ ଦ୍ୱାରା ଓ ପରେ ମାର୍କ୍ସବାଦୀମାନଙ୍କ ଦ୍ୱାରା ବହୁଳ ଭାବେ ପ୍ରଚାରିତ ଆର୍ଯ୍ୟ ଆକ୍ରମଣ ସିଦ୍ଧାନ୍ତକୁ ଅତ୍ୟନ୍ତ ତାର୍କିକ ଭାବେ ଖଣ୍ଡନ କରିଥିଲେ। ତାଙ୍କର ଏ ସମ୍ପର୍କିତ ପୁସ୍ତକ 'ଦି ସରସ୍ୱତୀ ଫ୍ଲୋଜ ଅନ'। ଏହି ପୁସ୍ତକ ଜରିଆରେ ସେ ମାର୍କସବାଦୀ ଐତିହାସିକ ଆର.ଏସ. ଶର୍ମାଙ୍କ ଦ୍ୱାରା ଦିଆଯାଇଥିବା ତର୍କକୁ ଖଣ୍ଡନ କରିଥିଲେ। ଏହାକୁ ନେଇ ମଧ୍ୟ ସେ ମାର୍କସବାଦୀମାନଙ୍କ ଦ୍ୱାରା ପ୍ରବଳ ଆକ୍ରମଣ ଓ ସମାଲୋଚନାର ଶିକାର ହୋଇଥିଲେ। ଏହାସତ୍ତ୍ୱେ ପ୍ରଫେସର ଲାଲ କେବେହେଲେ ସତ୍ୟର ଅନ୍ୱେଷଣରୁ ନିଜକୁ ବିଚ୍ୟୁତ କରି ନ ଥିଲେ।

ଜୀବନବ୍ୟାପୀ ସତ୍ୟର ସାଧନା କରିଥିଲେ ପ୍ରଫେସର ଲାଲ। ସେ ଔପନିବେଶିକବାଦୀ ଢାଂଚାକୁ ଭାଙ୍ଗିବା ସହ ଭାରତୀୟ ଢାଂଚା ତିଆରି କରିବାକୁ ତାଙ୍କର ସମ୍ପୂର୍ଣ୍ଣ ଜୀବନ ଲଗାଇ ଦେଇଥିଲେ। ଏଭଳି ଜଣେ ଭାରତୀୟତାର ନୀରବ ସାଧକଙ୍କୁ ଶତ ଶତ ପ୍ରଣାମ!

# ସତ୍‌ସଙ୍ଗର ଆହ୍ୱାନ-ସମ୍ପ୍ରଦାୟ ନିରପେକ୍ଷ ଧର୍ମପ୍ରାଣ ଭାରତ



ସତ୍‌ସଙ୍ଗର ପ୍ରାଣପୁରୁଷ ଯୁଗପୁରୁଷୋତ୍ତମ ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ତାଙ୍କର ସ୍ୱହସ୍ତ ଲିଖିତ ପବିତ୍ର ଗ୍ରନ୍ଥ ସତ୍ୟାନୁସରଣରେ ଭାରତବାସୀଙ୍କୁ ଆହ୍ୱାନ ଜଣାଇଲେ-ଅର୍ଥ, ମାନ, ଯଶ ଇତ୍ୟାଦି ପାଇବା ଆଶାରେ ମୋତେ ଠାକୁର ସଜାଇ ଭକ୍ତ ହୁଅନାହିଁ, ସାବଧାନ ହୁଅ - ଠକିଯିବ; ତୁମର ଠାକୁରତ୍ୱ ଜାଗ୍ରତ ନହେଲେ କେହି ତୁମର କେନ୍ଦ୍ର ବି ନୁହଁନ୍ତି, ଠାକୁର ବି ନୁହଁନ୍ତି - ଫାଙ୍କି ଦେଲେ ତାହା ହିଁ ପାଇବ। ଭାରତର ଅବନତି ସେହି ସମୟରୁ ଆରମ୍ଭ ହୋଇଛି ଯେଉଁ ସମୟରୁ ଭାରତବାସୀଙ୍କ ପାଖରେ ଅମୂର୍ତ୍ତ ଭଗବାନ ଅସୀମ ହୋଇ ଉଠିଛନ୍ତି - ଋଷିଙ୍କୁ ବାଦ ଦେଇ ଋଷି ବାଦର ଉପାସନା ଆରମ୍ଭ ହୋଇଛି। ଭାରତ ! ଯଦି ଭବିଷ୍ୟତ କଲ୍ୟାଣକୁ ଆବାହନ କରିବାକୁ ଚାହଁ, ତେବେ ସମ୍ପ୍ରଦାୟଗତ ବିରୋଧ ଭୁଲି, ଜଗତର ପୂର୍ବ ପୂର୍ବ ଗୁରୁମାନଙ୍କ ପ୍ରତି ଶ୍ରଦ୍ଧାସମ୍ପନ୍ନ ହୁଅ - ଆଉ ତୁମର ମୂର୍ତ୍ତ ଓ ଜୀବନ୍ତ ଗୁରୁ ବା ଭଗବାନଙ୍କ ପ୍ରତି ଆସକ୍ତ ହୁଅ, ଏବଂ ସେହି ମାନଙ୍କୁ ହିଁ ସ୍ୱୀକାର କର ଯେଉଁମାନେ ତାଙ୍କୁ ଭଲ ପାଆନ୍ତି। କାରଣ ପୂର୍ବବର୍ତ୍ତୀଙ୍କୁ ଅଧିକାର କରିହିଁ ପରବର୍ତ୍ତୀଙ୍କର ଆବିର୍ଭାବ। ସମଗ୍ର ମାନବ ଜାତିକୁ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଆହ୍ୱାନ ଦେଇ କହିଲେ - ସର୍ବପ୍ରଥମ ଆମ୍ଭମାନଙ୍କୁ ଦୁର୍ବଳତା ବିରୁଦ୍ଧରେ ଯୁଦ୍ଧ କରିବାକୁ ହେବ। ସାହସୀ ହେବାକୁ ହେବ, ବୀର ହେବାକୁ ହେବ। ପାପର ଜ୍ୱଳନ୍ତ ପ୍ରତିମୂର୍ତ୍ତି ଏହି ଦୁର୍ବଳତା। ତଡ଼ ଯେତେ ଶୀଘ୍ରପାର ଏହି ରକ୍ତ ଶୋଷଣକାରୀ ଅବସାଦ ଉତ୍ପାଦକ ବାଦୁଡ଼ିକୁ। ସ୍ମରଣ କର ତୁମେ ଶକ୍ତିର ତନୟ, ସ୍ମରଣ କର ତୁମେ ପରମପିତାଙ୍କ ସନ୍ତାନ। ହଟି ଯିବାଟା ବରଂ ଦୁର୍ବଳତା ନୁହେଁ କିନ୍ତୁ ଚେଷ୍ଟା ନକରିବା ହିଁ ଦୁର୍ବଳତା। ତୁମେ କୌଣସି କିଛି କରିବାକୁ ପ୍ରାଣପଣେ ଚେଷ୍ଟା କରି ମଧ ଯଦି ବିଫଳ ମନୋରଥ ହୁଅ, କ୍ଷତି ନାହିଁ ତୁମେ ଛାଡ଼ ନାହିଁ ଏହି ଅମ୍ଳାନ ଚେଷ୍ଟା ହିଁ ତୁମକୁ ମୁକ୍ତି ଆଡ଼କୁ ନେଇଯିବ। ତୁମେ କୁହନା ତୁମେ ଭୀରୁ, କୁହନା ତୁମେ କାପୁରୁଷ, କୁହନା ତୁମେ ଦୁରାଶୟ। ପିତାଙ୍କ ଆଡ଼କୁ ନଜର କର, ଆବେଗଭରେ କୁହ - ହେ ପିତା, ମୁଁ ତୁମରି ସନ୍ତାନ; ମୋର ଆଉ ଜଡ଼ତା ନାହିଁ, ଆଉ ଦୁର୍ବଳତା ନାହିଁ, ମୁଁ ଆଉ କାପୁରୁଷ ନୁହେଁ, ମୁଁ ଆଉ ତୁମକୁ ଭୁଲି ନରକ ଆଡ଼କୁ ଦୌଡ଼ି ଯିବିନାହିଁ, ଆଉ ତୁମର ଜ୍ୟୋତି ଆଡ଼କୁ ପଛକରି ଅନ୍ଧକାର ଅନ୍ଧକାର ବୋଲି ଚିତ୍କାର କରିବି ନାହିଁ। ଜଗତରେ ମଣିଷ ଯେତେ ଯାହା ଦୁଃଖ ପାଏ ତାହାର ଅଧିକାଂଶ ହିଁ କାମିନୀ କାଞ୍ଚନ ପ୍ରତି ଆସକ୍ତିରୁ ଆସେ। ସେ ଦୁଇଟା ପାଖରୁ ଯେତିକି ଦୂରେଇ ରହିବ ସେତିକି ମଙ୍ଗଳ। ପ୍ରତ୍ୟେକଙ୍କ ମା' - ହିଁ ଜଗଜ୍ଜନନୀ। ପ୍ରତ୍ୟେକ ଝିଅ ହିଁ ନିଜ ମା'ର ବିଭିନ୍ନ ରୂପ, ଏହିପରି ଭାବିବାକୁ ହୁଏ। ମାତୃଭାବ ହୃଦୟରେ ପ୍ରତିଷ୍ଠିତ ନ ହେଲେ ସ୍ତ୍ରୀ ଲୋକକୁ ଛୁଇଁବା ଅନୁଚିତ - ଯେତେ ଦୂରେଇ ରହିପାର ସେତେ ଭଲ; ଏପରିକି



ମୁଖ ଦର୍ଶନ ନକରିବା ଆହୁରି ଭଲ। ଧର୍ମର ସର୍ବସମନ୍ୱୟୀ ବ୍ୟାଖ୍ୟାରେ ଯୁଗାବତାର ଶ୍ରୀ ଶ୍ରୀ ଠାକୁର କହିଲେ-ଧର୍ମ କେବେହେଲେ ବହୁ ହୁଏନା, ଧର୍ମ ଏକ, ଆଉ ତାର କୌଣସି ପ୍ରକାର ନାହିଁ। ମତ ବହୁତ ହୋଇପାରେ, ଏପରିକି ଯେତେ ମଣିଷ ସେତେ ମତ ହୋଇପାରେ, କିନ୍ତୁ ତାହା ବୋଲି ଧର୍ମ ବହୁତ ହୋଇପାରେ ନାହିଁ। ହିନ୍ଦୁ ଧର୍ମ, ମୁସଲମାନ ଧର୍ମ, ଖ୍ରୀଷ୍ଟିୟାନ ଧର୍ମ, ବୌଦ୍ଧ ଧର୍ମ ଇତ୍ୟାଦି କଥା ମୋ ମତରେ ଭୁଲ, ବରଂ ସେ ସବୁ ଗୁଡ଼ିକ ମତ। କୌଣସି ମତ ସହିତ କୌଣସି ମତର ପ୍ରକୃତ ପକ୍ଷରେ କୌଣସି ବିରୋଧ ନାହିଁ, ଭାବର ବିଭିନ୍ନତା, ପ୍ରକାର ଭେଦ-ଗୋଟିଏକୁ ନାନା ପ୍ରକାରରେ ଏକ ରୂପେ ଅନୁଭବ।

ସତ୍‌ସଙ୍ଗ ଚାହେଁ ଭାରତ ଏକ ସମ୍ପ୍ରଦାୟ ନିରପେକ୍ଷ ଧର୍ମପ୍ରାଣ ରାଷ୍ଟ୍ର ହେଉ। ଆମେ କଂଗ୍ରେସ ମୁକ୍ତ ଭାରତ ଚାହୁଁନା, ବା ସଂଘ ମୁକ୍ତ ଭାରତ ଚାହୁଁନା। ଆମେ ଚାହୁଁ ସମ୍ପ୍ରଦାୟ ନିରପେକ୍ଷ ଧର୍ମପ୍ରାଣ ଭାରତ। ଯୁଗପୁରୁଷ ଶ୍ରୀ ଶ୍ରୀ ଠାକୁର ଉଦାତ୍ତ କଣ୍ଠରେ ଗାଇ ଉଠିଲେ - 'ଆର୍ଯ୍ୟ ଭାରତ ବର୍ଷ ମୋର, ଜ୍ଞାନ ଗରିମା ଗରବିନୀ, ଦ୍ୟୁତିପ୍ରେକ୍ଷା ସ୍ଫୁରକ ପ୍ରଜ୍ଞା, ଦ୍ୟୁଲୋକ ଦୀପକ ମାଳିନୀ, ରକ୍ତ ତପନ କ୍ଷିପ୍ତ ଆଲୋକ, ରଶ୍ମି ପୁଲକ ଝଲକ ଝଲକ, ଦୀପ୍ତ ରିକ୍ତ ପାବକ ଅନଘ, ମୃତ୍ୟୁ ବିଜୟ ଦାୟିନୀ! ହୋମର ଅନଳ ନାଚେ ଛଳ ଛଳ, ବହେ ସରସ୍ୱତୀ ସିନ୍ଧୁ ପ୍ରବଳ, ଦୃଷଦ୍ୱତୀ ଦେଲା ଅର୍ଘ୍ୟ ଆଂଚଳ, ସ୍ଫୁରିତ ଇନ୍ଦୁ ସ୍ମିତ ଟଳ ଟଳ, ଚଲେ ଭାଗିରଥୀ ଡାକେ କଳକଳ, ସାଗର ଧୌତ ଚରଣ ଯୁଗଳ, ତୁଙ୍ଗ ଧବଳ କିରୀଟିନୀ, ଅଯୁତ ରଶ୍ମି ଦୀପ୍ତ କେନ୍ଦ୍ର, ପୁରୁଷୋତ୍ତମ ଚିର ଅତନ୍ଦ୍ର, ଜାଗେ ଆହ୍ୱାନ ବିପୁଳ ମନ୍ଦ୍ର, ଅମର ଲପନା ଜୀବନ ସାନ୍ଦ୍ର, ଆର୍ଯ୍ୟ ଗରିମା ଗଭୀର ମନ୍ତ୍ର, ଛଲକି ସଣ୍ଟା ଏକଟି ତନ୍ତ୍ର, ଭାରତ ବିଶ୍ୱ ରତାୟିନୀ'। ଶ୍ରୀ ଶ୍ରୀ ଠାକୁର ଅତି ଦୃଢ଼ ଚିତ୍ତରେ ଘୋଷଣା କଲେ - ତୁମେ, ଠିକ୍ ଠିକ୍ ଜାଣ ଯେ, ତୁମେ ତୁମର, ତୁମ ନିଜ ପରିବାରର, ଦଶର ଏବଂ ଦେଶର ବର୍ତ୍ତମାନ ଓ ଭବିଷ୍ୟତ ପାଇଁ ଦାୟୀ।

**—ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର**
*ସହ-ପ୍ରତିରତ୍ୱିକ ଓ ବିଭାଗୀୟ ମୁଖ୍ୟ, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ, ଦୂରଭାଷ : ୯୪୩୭୦୫୧୯୫୭*

ସଂ ଗଚ୍ଛଦ୍ଧ୍ୱଂ ସଂ ବଦଦ୍ଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪




ଭୁବନେଶ୍ୱର, ୨୦୨୨, ସେପ୍ଟେମ୍ବର ୧୬

# ଜାତି, ଜାତୀୟତା ଓ ଜାତୀୟ ସଂହତି



ଚରମ ମହାଦେଶ ଏସିଆର ପରମ ଏବଂ ଚରମ ଦେଶ ଭାରତ। କଥାରେ କୁହାଯାଏ: ଯାହା ନାହିଁ ଭାରତେ, ତାହା ନାହିଁ ଭାରତେ। ଅର୍ଥାତ୍ ଭାରତରେ ଯାହା ନାହିଁ ତାହା ବିଶ୍ୱରେ ନାହିଁ । ସବୁ ପ୍ରକାର ଭୌଗୋଳିକ, ଐତିହାସିକ, ରାଜନୈତିକ, ଧର୍ମନୈତିକ, ଉଦ୍ଭିଦ, ପ୍ରାଣୀ ଓ ଜଳବାୟୁ, ରଙ୍ଗ ବା ବର୍ଣ୍ଣର ମଣିଷ ଜାତି ଓ ତାଙ୍କ ଭାଷା ଇତ୍ୟାଦିର ସମାହାର ଏ ଭାରତ। ଏଣୁ ଏହା ଏକ ଚରମ ଭୂଖଣ୍ଡ। ଭାରତ ଏକ ଗଣତାନ୍ତ୍ରିକ ସାଧାରଣତନ୍ତ୍ର ସ୍ୱାଧୀନ ଧର୍ମନିରପେକ୍ଷ ଏବଂ ସାର୍ବଭୌମ ରାଷ୍ଟ୍ର। ତ୍ରିରଙ୍ଗା ଏହାର ଜାତୀୟ ପତାକା 'ଜନଗଣ ମନ...' ଏହାର ଜାତୀୟ ସଂଗୀତ, 'ଅଶୋକଚକ୍ର' ଏହାର ଜାତୀୟ ପ୍ରତୀକ ଏବଂ ଧର୍ମଚକ୍ର। ଆମର ଦ୍ୱୈତ ନାଗରିକ ନାହିଁ । ଏହା ସମସ୍ତ ରାଜ୍ୟ ଓ କେନ୍ଦ୍ର ସହିତ ମିଶି ଗଢ଼ିଛନ୍ତି ରାଷ୍ଟ୍ରସଂଘ। ଯାହାର ନାଗରିକତା ହେଉଛି ଗୋଟିଏ: ଆମେ ଜାତି-ଧର୍ମ-ବର୍ଣ୍ଣ-ସଂପ୍ରଦାୟ-ବାଳବୃଦ୍ଧ ନିର୍ବିଶେଷରେ ଭାରତୀୟ। ଭାରତୀୟତା ଆମ ଗର୍ବ, ଗୌରବ ଏବଂ ସମ୍ମାନ।

ବିଭିନ୍ନ ସମୟରେ ଭାରତକୁ ବୈଦେଶିକମାନେ ୧୭ ଥର ଆକ୍ରମଣ, ଲୁଣ୍ଠନ ବା ଶାସନ କରିଛନ୍ତି। ଏସବୁ ଜାତିମାନେ ହେଲେ ଆଫଗାନ ଅମୀର, ମଙ୍ଗୋ. ମୋଗଲ, ମରହଟ୍ଟା... ଏବଂ ଶେଷରେ ଇଂରେଜମାନେ ଶାସନ କରିଛନ୍ତି। ଷୋଡ଼ଶ ଶତାବ୍ଦୀରେ ପ୍ରଥମେ ପର୍ତ୍ତୁଗୀଜ ଓ ୧୬୦୦ ମସିହାରେ ଇଂରେଜ ଇଷ୍ଟ ଇଣ୍ଡିଆ କଂପାନୀ ବାଣିଜ୍ୟ ଉଦ୍ଦେଶ୍ୟରେ ଜଳପଥରେ ଭାରତକୁ ଆବିଷ୍କାର କାରଣରୁ ଆସିଥିଲେ ଏବଂ ପରେ ଏହା ଅଙ୍ଗୁଳି ପ୍ରବେଶରେ ବାହୁ ପ୍ରବେଶ ନ୍ୟାୟ ହେଲା। ୧୭୫୭ ଖ୍ରୀଷ୍ଟାବ୍ଦରେ ଇଷ୍ଟ ଇଣ୍ଡିଆ କଂପାନୀ ଏବଂ ବଙ୍ଗର ନବାବ ସିରାଜ ଉଦ୍ଦୌଲାଙ୍କ ମଧ୍ୟରେ ପ୍ରବଳ ଯୁଦ୍ଧ ହେଲା ଏବଂ ସିରାଜ ପରାସ୍ତ ହେଲେ। ଏଇଠି କଂପାନୀର ଭାରତ ଶାସନ ଆରମ୍ଭ ହେଲା। ଏ ଶାସନ ଚାଲିଲା ୧୮୫୭ ମସିହା ଯାଏଁ। ୧୮୫୭ ମସିହାର କଂପାନୀ ବିରୁଦ୍ଧରେ ଯେଉଁ ସଂଗ୍ରାମ ଥିଲା ତାହା ଥିଲା ଭାରତୀୟ ମୁକ୍ତି ସଂଗ୍ରାମର ପ୍ରଥମ ଅଧ୍ୟାୟ। ଏହାପରେ କଂପାନୀ ଶାସନର ଇତିହେଲା ଏବଂ ଭାରତ ଶାସନ ଇଂରେଜ ସରକାରଙ୍କ ହାତକୁ ଚାଲିଗଲା। ଇଂରେଜ ବିରୁଦ୍ଧରେ ଆମ ସଂଗ୍ରାମ ଚାଲୁ ରହିଲା ଏବଂ ୧୯୪୭ ଅଗଷ୍ଟ ୧୫ରେ ଦୀର୍ଘ ୧୯୦ ବର୍ଷ ଲଢ଼େଇ ପରେ ଆମେ ମୁକ୍ତ ହେଲୁ।

ଏଠାରେ ଗୋଟିଏ କଥା ସୂଚାଇଦେଉ ଯେ ସ୍ୱାଧୀନତା ପୂର୍ବରୁ ଭାରତବର୍ଷ ଛୋଟ ଛୋଟ ରାଜ୍ୟ ଦ୍ୱାରା ଶତଧା ବିଭକ୍ତ ଥିଲା ଏବଂ ଏସବୁ ରାଜ୍ୟରେ ରାଜା, ସମ୍ଭ୍ରାନ୍ତ ବା ସାମନ୍ତ ରାଜାମାନେ ଶାସନ କରୁଥିଲେ। ନିଜ ରାଜ୍ୟର ସରହଦ ଓ ପ୍ରତିପତ୍ତି ନେଇ ସେମାନେ ବାରମ୍ବାର ଯୁଦ୍ଧରେ ବ୍ୟାପୃତ ଥିଲେ। ଏମାନଙ୍କର ଭାଷାଗତ କିମ୍ବା ରାଜନୈତିକ ଏକତା ନଥିଲା। ଏମାନେ ଏହି କାରଣରୁ ବିଦେଶୀମାନଙ୍କୁ ପ୍ରତିରୋଧ କରିନପାରି ସେମାନଙ୍କର ଶିକାର ହେଲେ। ଭାରତର ସ୍ୱାଧୀନତା ସଂଗ୍ରାମ ଶିଖାଇ ଦେଲା ଯେ, ଏକତା ହିଁ ବଳ। ଏକତା ବଳରେ ହିମାଳୟକୁ ବି ଟାଳି ହୋଇପାରେ। ଭାରତରେ ବିଭିନ୍ନ ଜାତି, ବର୍ଣ୍ଣ, ଧର୍ମ ସଂପ୍ରଦାୟ, ବୃତ୍ତି, ଖାଦ୍ୟ, ପାନୀୟ, ପୋଷାକ ଓ ଚଳଣିର ଲୋକ ଅଛନ୍ତି। ଏଣୁ ସାମଞ୍ଜସ୍ୟ ପରିବର୍ତ୍ତେ ବିଭିନ୍ନତା ଅଛି। ବିଭିନ୍ନତା ହିଁ ଏକତାର ଅନ୍ତରାୟ ହେବା ସ୍ୱାଭାବିକ। ଇଂରାଜୀରେ ଏକ କଥା ଅଛି-ୟୁନାଇଟେଡ୍ ଉଇ ଷ୍ଟାଣ୍ଡ ଏଣ୍ଡ ଡିଭାଇଡେଡ୍ ଉଇ ଫଲ୍। ଅର୍ଥାତ୍ ଏକତା ବଳରେ ଆମେ ବଳିୟାନ୍ ଏବଂ ବିଭିନ୍ନତାରେ ଆମେ ପରାସ୍ତ ବା ଦୁର୍ବଳ। ଭାରତ ସ୍ୱାଧୀନତା ହେଲା ପରେ ଚିନ୍ତା କଲା ଯେ ଆମ ବିଭିନ୍ନତା ମଧ୍ୟରେ ଏକତା ନରହିଲେ ଆମେ ଦୁର୍ବଳ ହୋଇଯିବା ଏବଂ ଦେଶ ପୁଣି ଖଣ୍ଡ ଖଣ୍ଡ ହୋଇଯିବ ଓ ଆମେ ସ୍ୱାଧୀନତା ହରାଇବା। ଏଣୁ ଏକତା ରହିବା ଜରୁରୀ। ବିଭିନ୍ନତା ମଧ୍ୟରେ ଏକତା ରହିବା ହିଁ ସଂହତି। ଭାରତୀୟଙ୍କ ପାଇଁ ଏ ସଂହତି, ଜାତୀୟ ସଂହତି। ମନେରଖିବା ଯେ ଭାରତର ସୀମା ସରହଦ ମଧ୍ୟରେ ବାସ କରୁଥିବା ଏକ ନାଗରିକପ୍ରାପ୍ତ ସମସ୍ତ ବ୍ୟକ୍ତି ଗୋଟିଏ ଜାତି: ଭାରତୀୟ, ଆମେ ଭାରତୀୟ ।

ବିଭିନ୍ନତା ମଧ୍ୟରେ ଏକତା ରଖିବା ଜାତୀୟ ସଂହତି ହେଲେ ହେଁ, ବିଭିନ୍ନତା ମଧ୍ୟ ସଂହତିର ପ୍ରତିବନ୍ଧକ। ଏହାର ବିଭିନ୍ନ କାରଣଗୁଡିକ ହେଲେ: ଦେଶର ବିଶାଳତା, ଧର୍ମଗତ ପାର୍ଥକ୍ୟ, ଭାଷାଗତ ପାର୍ଥକ୍ୟ, ନିରକ୍ଷରତା, ଜାତିଆଣ ଭାବ, ଦାରିଦ୍ର୍ୟ, ଆଞ୍ଚଳିକତା, ସାଂପ୍ରଦାୟିକତା, ବୈଦେଶିକ ହସ୍ତକ୍ଷେପ, ବିଚ୍ଛିନ୍ନତାବାଦୀ ସଂଗଠନର କୁପ୍ରଭାବ ଏବଂ ଏହିପରି ଅନେକ କିଛି।

ଏକତା କ୍ଷେତ୍ରରେ ଯେପରି ବିଭିନ୍ନ ପ୍ରତିବନ୍ଧକ ଅଛନ୍ତି, ସେମିତି କିଛି ସହାୟକ ଉପାଦାନ ମଧ୍ୟ ସଂହତି ବୃଦ୍ଧିର ଉପାଦାନ। ସେମାନେ ହେଲେ- ସାଂସ୍କୃତିକ ଏକତ୍ରୀକରଣ, ଅର୍ଥନୈତିକ ବିକାଶ, ସହନଶୀଳତା, ଶିକ୍ଷାର ପ୍ରସାର, ଆଞ୍ଚଳିକ ବୈଷମ୍ୟ ଦୂରୀକରଣ, ସଂଖ୍ୟାଲଘୁ ସଂପ୍ରଦାୟର ସୁରକ୍ଷା, ପରସ୍ପର ପ୍ରତି ଶ୍ରଦ୍ଧା ଓ ସମ୍ମାନ, ବିଭିନ୍ନ ଧର୍ମ ଓ ସଂପ୍ରଦାୟ ମଧ୍ୟରେ ଭାଇଚାରା ସଂପର୍କ, ରାଜ୍ୟ-ରାଜ୍ୟ, କେନ୍ଦ୍ର ରାଜ୍ୟ ସ୍ତରରେ ପୂଜ୍ୟପୂଜା ଓ ଭାବର ଆଦାନ ପ୍ରଦାନ, କଳା-ସଂସ୍କୃତି-ସାହିତ୍ୟ ଓ ସାହିତ୍ୟିକଙ୍କ ପ୍ରତି ଯଥୋଚିତ ସମ୍ବର୍ଦ୍ଧନା, ମାନପତ୍ର ଓ ପୁରସ୍କାର ପ୍ରଦାନ ଇତ୍ୟାଦି ବିଚାରଯୋଗ୍ୟ। ଏକଥା ମାନିବାକୁ ହେବ ଯେ ଆମେ ଅନ୍ୟକୁ ଶ୍ରଦ୍ଧା ନକଲେ, ସେ ଆମକୁ ଶ୍ରଦ୍ଧା କରିବ କିଆଁ । ଆମେ ଅନ୍ୟ ଧର୍ମ ଓ ସଂସ୍କୃତିକୁ ଭଲ ନପାଇଲେ, ସେ ଆମକୁ ସେ ସମ୍ମାନ ଦେବ କିଆଁ?

ଭାରତରେ ଜାତୀୟ ସଂହତି ବଜାୟ ରଖିବାରେ ଏବଂ ଏହାକୁ ଦୃଢ଼ କରିବାରେ ଏକ ଜାତୀୟ ସଂହତି ପରିଷଦ ଗଠନ ହୋଇଛି। ଏଥିରେ ପ୍ରଧାନମନ୍ତ୍ରୀ ସବୁ ରାଜ୍ୟର ମୁଖ୍ୟମନ୍ତ୍ରୀ, ବିରୋଧୀ ଦଳର ସାତଜଣ ନେତା, ବିଶ୍ୱବିଦ୍ୟାଳୟ ମଂଜୁରୀ କମିଶନ ଅଧ୍ୟକ୍ଷ, କେତେକ ଶିକ୍ଷାବିତ୍ ଓ ସମାଜସେବୀଙ୍କୁ ନେଇ ଗଠିତ।

ଜାତୀୟ ସଂହତିର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ନେଇ ଆମର ପୂର୍ବତନ ରାଷ୍ଟ୍ରପତି ତଥା ମହାନ୍ ଦାର୍ଶନିକ ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍ କହିଛନ୍ତି: ଜାତୀୟ ସଂହତି କାଦୁଅ ଓ ଇଟାର ଏକ ଗୃହ ନୁହେଁ, ଏହା ଏକ ଶିଳ୍ପ ଯୋଜନା ନୁହେଁ ଯାହା ବି ବିଶେଷଜ୍ଞମାନଙ୍କ ଦ୍ୱାରା ଆଲୋଚିତ ବା କାର୍ଯ୍ୟକାରୀ ହୋଇପାରିବ। ଅପରପକ୍ଷରେ ଏହା ଏକ ଭାବନା ଯାହାକି ଲୋକଙ୍କ ମନରେ ପ୍ରବେଶ କରିବା ଦରକାର। ପରିଶେଷରେ ଏହି ଭାବନା ହିଁ ଲୋକମାନଙ୍କୁ ଜାଗ୍ରତ କରିପାରିବ। ଏହାଫଳରେ ଆମେ ସକଳ ପ୍ରତିକୂଳ ପରିସ୍ଥିତିକୁ ସାମ୍ନା କରିପାରିବୁ।

**ବିପିନବିହାରୀ ମହାନ୍ତି**, ଅଧ୍ୟକ୍ଷ, ଓଡ଼ିଶା ଭାଷା ସଂରକ୍ଷଣ ଏବଂ ଗବେଷଣା ପ୍ରତିଷ୍ଠାନ, ବିକାଶନଗର, ଜଟଣୀ, ଖୋର୍ଦ୍ଧା, ଫୋନ୍-୯୯୩୮୩୪୪୧୩୮

## ଆଜିର ଅନୁଚିନ୍ତା

*ବିଛା କାମୁଡ଼ାରେ କେବଳ ବିନ୍ଧା ଛିଟିକା ହୁଏ, କିନ୍ତୁ କେହି କେବେ ମରେନାହିଁ।*

*ପାଠକୀୟ ମତାମତ ଓ ପରାମର୍ଶ 'ପର୍ଯ୍ୟବେକ୍ଷକ' ସମ୍ପାଦକଙ୍କ ପାଇଁ ବେଶ୍ ମହତ୍ତ୍ୱପୂର୍ଣ୍ଣ। ତା' ବ୍ୟତୀତ ଆପଣଙ୍କ ଅଞ୍ଚଳର ବିକାଶ କ୍ଷେତ୍ରରେ ଥିବା ସମସ୍ୟା, ଆପଣମାନଙ୍କ ଅଭିଯୋଗ, ଆଶଙ୍କା ଓ ଉଦ୍‌ବେଗ ଆଦି ବିଷୟରେ ଜାଣିବାକୁ ଆମେ ଉଦ୍‌ଗ୍ରୀବ। ଇ-ମେଲ୍ କିମ୍ବା ଫାକ୍ସ ଜରିଆରେ ଆପଣମାନେ ସିଧାସଳଖ ସମ୍ପାଦକଙ୍କ ସହ ଯୋଗାଯୋଗ କରିପାରିବେ।*

**E-mail: editorpbkc@gmail.com**
**9853400829 (M), Fax: 0674-2550504**

# ବେମିଶାଲ ଆଠ ସାଲ

ସୌମେନ୍ଦ୍ର ଜେନା



ନିର୍ବାଚନ ଯେତେ ପାଖେଇ ଆସୁଛି ସେତେ ଆଲୋଚନା -ସମାଲୋଚନା, ଗଣମାଧ୍ୟମରେ ବିତର୍କ, ରାଜନୈତିକ ଦଳଗୁଡିକ ମଧ୍ୟରେ ମେଣ୍ଟ ଗଠନ, ବିକଳ୍ପ ପ୍ରଧାନମନ୍ତ୍ରୀ ପ୍ରାର୍ଥୀ ପାଇଁ ଦାବିଦାରୀ ଆଦି ବଢ଼ିବାରେ ଲାଗିଛି । କୋରୋନାର ବିଶ୍ୱବ୍ୟାପୀ ଆତଙ୍କର ପ୍ରଭାବରେ ଆର୍ଥିକ ମାନ୍ଦାବସ୍ଥା, ଯୋଗାଣରେ ଅସୁବିଧା, ରୁଷିଆ-ୟୁକ୍ରେନ ମଧ୍ୟରେ ଜାରି ରହିଥିବା ଯୁଦ୍ଧ ଯୋଗୁ ପୃଥିବୀରେ ଅନେକ ସଙ୍କଟ ସୃଷ୍ଟି ହୋଇଛି । ଏସବୁ ମଧ୍ୟରେ ବର୍ତ୍ତମାନର ମୋଦିଙ୍କ ନେତୃତ୍ୱରେ କାର୍ଯ୍ୟରତ ସରକାରଙ୍କ ହିସାବ ନିକାଶ କରାଯିବାର ସମୟ ଆସିଛି । ଆଠବର୍ଷର ଶାସନ ମଧ୍ୟରେ ଏହି ସରକାର କେତେଦୂର ସଫଳ ତାହାର ବିଚାର କରାଯିବା ଦରକାର । ପ୍ରଧାନମନ୍ତ୍ରୀ ମୋଦି ସ୍ୱାଧୀନତାର ଅମୃତବେଳାରେ ୨୦୪୭ ସୁଦ୍ଧା ଦେଶକୁ ବିକାଶଶୀଳ ରାଷ୍ଟ୍ରରୁ ବିକଶିତ ରାଷ୍ଟ୍ରଭାବେ ଗଢ଼ି ତୋଳିବାର ସ୍ୱପ୍ନ ନେଇ ଯୋଜନାବଦ୍ଧ ଭାବେ କାର୍ଯ୍ୟାରମ୍ଭ କରିଦେଇଛନ୍ତି । ଦେଶର ସଂଖ୍ୟାଧିକ ଲୋକ ଯୁବବର୍ଗର ହୋଇଥିବା ହେତୁ ଏବଂ ଦେଶର ଭବିଷ୍ୟତ ସେମାନଙ୍କ ଯୋଗ୍ୟତା, ଦକ୍ଷତା ଏବଂ କର୍ମନିଷ୍ଠା ଉପରେ ନିର୍ଭର କରୁଥିବା ହେତୁ, ସରକାର ସେମାନଙ୍କ ପାଇଁ ସ୍ୱତନ୍ତ୍ର ଦୃଷ୍ଟି ନେଇ କାର୍ଯ୍ୟ କରୁଛି । ନୂତନ ଶିକ୍ଷାନୀତି ମାଧ୍ୟମରେ ରୋଜଗାରପ୍ରଧାନ ଶିକ୍ଷାବ୍ୟବସ୍ଥା, ଉନ୍ନତ ଗବେଷଣା ପାଇଁ ସୁଯୋଗ ସୃଷ୍ଟି କରାଯାଇଛି । ପ୍ରାୟ ଚାରି ଦଶନ୍ଧି ପରେ ବଦଳିଥିବା ଏହି ଶିକ୍ଷାନୀତି ମାଧ୍ୟମରେ ଦେଶର ଶିକ୍ଷିତବର୍ଗକୁ ସଂଗଠିତ, ଆତ୍ମନିର୍ଭରଶୀଳ ଏବଂ ଆତ୍ମବିଶ୍ୱାସପୂର୍ଣ୍ଣ ହୋଇ କାର୍ଯ୍ୟ କରିବାକୁ ବ୍ୟବସ୍ଥା ହୋଇଛି । ୨୦୧୬ ପରଠାରୁ ଦେଶରେ ଷ୍ଟାର୍ଟଅପ୍‌ର ସଂଖ୍ୟା (ନବ ଉଦ୍ୟୋଗ) ୧୦୦ ପ୍ରତିଶତ ବଢ଼ିଛି । ୩୨୦ଟି ନୂଆ ବିଶ୍ୱବିଦ୍ୟାଳୟ, ୭ଟି ନୂଆ ଆଇଆଇଟି, ଦୁଇଗୁଣ ଏମ୍‌ସ ଶାଖା ଦେଶରେ ଖୋଲାଯାଇଛି । କ୍ରୀଡାର ବିକାଶ ପାଇଁ ୧୫୦ ଖେଳାଳିଙ୍କୁ ଟପ୍ କାର୍ଯ୍ୟକ୍ରମ, ୧ କୋଟି ୩୪ ଲକ୍ଷ ଯୁବକଙ୍କୁ ପ୍ରଧାନମନ୍ତ୍ରୀ କୌଶଳ ବିକାଶ ଯୋଜନା, ୧୦୦୦ଟି ଖେଲୋ ଇଣ୍ଡିଆ କେନ୍ଦ୍ରରେ ନୂଆ କ୍ରୀଡାବିତ୍‌ଙ୍କୁ ପ୍ରଶିକ୍ଷଣ ପାଇଁ ବ୍ୟବସ୍ଥା ହୋଇଛି । ୨୦୧୭-୨୧ମଧ୍ୟରେ ୨୩ ଲକ୍ଷ ପ୍ରତ୍ୟକ୍ଷ ଏବଂ ପରୋକ୍ଷ ନିଯୁକ୍ତି ନବଶିଳ୍ପ (ଷ୍ଟାର୍ଟଅପ୍) ମାଧ୍ୟମରେ ବଢ଼ିଛି । ଜାନୁଆରୀ ୨୦୨୧ରେ ନିଯୁକ୍ତି ଇଣ୍ଡେକ୍ସ ୧୯୨୫ରୁ ବଢ଼ି ଜାନୁଆରୀ ୨୦୨୨ ବେଳକୁ ୨୭୧୬ରେ ପହଞ୍ଚିଥିଲା । କେବଳ ସେତିକି ନୁହେଁ ୨୦୧୪ଯାଏଁ ଦେଶରେ ମାତ୍ର ୭ଟି ଏମ୍‌ସ ଥିଲାବେଳେ ଗତ ୮ବର୍ଷରେ ୧୫ଟି ନୂଆ ଏମ୍‌ସ, ୨୧୯ଟି ମେଡିକାଲ କଲେଜ, ୬୬୦୦୦ ମେଡିକାଲ ସିଟ, ୭ଟି ନୂଆ ଆଇଆଇଏମ୍‌ଏସ୍ ବୃଦ୍ଧି କରାଯାଇଛି ।

ଦେଶର ମଧ୍ୟମବର୍ଗଙ୍କୁ ଆଖି ଆଗରେ ରଖି ସରକାର ୫ ଲକ୍ଷ ରୋଜଗାର ଯାଏ ଆୟକର ରିହାତି, ଦେଶରେ ୫ଟି ମେଟ୍ରୋରୁ ୨୭ ସହରକୁ ୨୦୨୨ ସୁଦ୍ଧା ମେଟ୍ରୋରେ ପରିଣତ କରାଯାଇଛି । ଗୃହ ନିର୍ମାଣ କ୍ଷେତ୍ର ପାଇଁ ୨୫୦୦୦ କୋଟି ପ୍ରଦାନ କରାଯାଇଛି । ରେରା ଆଇନ (ନିର୍ମାଣ ପାଇଁ ଉଦ୍ଦିଷ୍ଟ) ମାଧ୍ୟମରେ ୮୬,୯୪୭ ମାମଲାର ସମାଧାନ କରାଯାଇଛି । ଉଡାନ ଯୋଜନାରେ ୮୬ ଲକ୍ଷ ଲୋକଙ୍କୁ ବିମାନ ଯାତ୍ରାର ସୁବିଧା ମିଳିଛି । ଦେଶର ୪୩୭୧ ସହରକୁ ବାହ୍ୟ ମଳମୁକ୍ତ କରାଯାଇଛି । ଦେଶରେ ବିମାନବନ୍ଦର ସଂଖ୍ୟା ୨୦୧୪ରେ ୭୪ ଥିଲା, ୨୦୨୨ରେ ଏହି ସଂଖ୍ୟା ୧୪୦ରେ ପହଞ୍ଚିଛି ।

ଦେଶର ସଡକ ସୁନ୍ଦର ହେଲେ ଦେଶ ସମୃଦ୍ଧ ହେବ । ଏହାକୁ କେବଳ ସ୍ଲୋଗାନ ନୁହେଁ କାର୍ଯ୍ୟରେ ପରିଣତ କରିବାକୁ ସଡକ ପରିବହନ ବଜେଟ ୨୦୧୪ରୁ ୨୦୨୨ ମଧ୍ୟରେ ୫୦୦ ପ୍ରତିଶତ ବୃଦ୍ଧି ହୋଇଛି । ୪୦୦ଟି ବନ୍ଦେ ଭାରତ ଟ୍ରେନ ଚଳାଚଳ ନିଷ୍ପତ୍ତି, ଦୈନିକ ୩୭ କିମି ଜାତୀୟ ରାଜପଥ ନିର୍ମାଣ, ପ୍ରଧାନମନ୍ତ୍ରୀ ଗତିଶକ୍ତି ଯୋଜନାରେ ଢାଞ୍ଚାଗତ ନିର୍ମାଣ ପାଇଁ ୧୦୦ ଲକ୍ଷ କୋଟିର ମାଷ୍ଟର ପ୍ଲାନ, ସହରାଞ୍ଚଳର ବିକାଶ ପାଇଁ ଅମୃତ ଅଧୀନରେ ୪୨୬୮ଟି ପ୍ରକଳ୍ପ, ୧୧୧ଟି ଜଳପଥକୁ ରାଷ୍ଟ୍ରୀୟ ଜଳମାର୍ଗର ସ୍ୱୀକୃତି, ୨୦୧୪ ପରଠାରୁ ୩ ଲକ୍ଷ ୨୬ ହଜାର ଗ୍ରାମୀଣ ସଡକର ନିର୍ମାଣ, ୯୯ ପ୍ରତିଶତ ଗ୍ରାମକୁ ସଡକ ଯୋଗାଯୋଗ ହେବା ବର୍ତ୍ତମାନର ସରକାରଙ୍କ ସଫଳତା ବୋଲି କହିବାକୁ ହେବ । କେବଳ ସେତିକି ନୁହେଁ, ୧୯୭୮ରେ ପ୍ରକଳ୍ପ ସ୍ୱୀକୃତି ପାଇଥିବା ଉତ୍ତର ପ୍ରଦେଶର ସରଯୁ ନହର କେନାଲକୁ ୪ଦଶନ୍ଧି ପରେ ବର୍ତ୍ତମାନର ସରକାର ଶେଷ କଲେ । ୨୦୦୩-୦୪ରୁ ପଡିରହିଥିବା ବିହାରର କୋଶି ରେଳ ମହାସେତୁ, ୧୯୭୫ରୁ ବନ୍ଦ ହୋଇ ପଡିରହିଥିବା କେରଳର କୋଲ୍ଲମ ବାଇପାସ୍ ପ୍ରକଳ୍ପ, ୧୯୯୨ରୁ ପଡିରହିଥିବା ଆସାମର ବୋଗିବିଲ ସଡକ ରେଳପଥ, ୨୦୦୦ରୁ ସ୍ୱୀକୃତି ପାଇଥିବା ଲଦାଖର ଅଟଳ ଟନେଲ, ୨୦୦୬ରୁ ପଡିରହିଥିବା ଦିଲ୍ଲୀ ପୂର୍ବ ପଶ୍ଚିମ ଏକ୍ସପ୍ରେସ ୱେ ଆଦିକୁ ମୋଦିଙ୍କ ସରକାର ହିଁ ନିର୍ମାଣ ଶେଷ କଲେ । ୨୦୧୪-୧୫ ବଜେଟରେ ୩୩୩୦୫ କୋଟି ଟଙ୍କା ବଜେଟରେ ଥିଲାବେଳେ ୨୦୨୦-୨୩ ବେଳକୁ ତାହା ବୃଦ୍ଧିପାଇ ୧.୯୯ଲକ୍ଷ କୋଟିରେ ପହଞ୍ଚିଛି । ଜାମ୍ମୁ-କାଶ୍ମୀରର ଚେନାବ ବ୍ରିଜ ସମୁଦ୍ର ପତ୍ତନରୁ ୩୫୯ ମିଟର ଉଚ୍ଚରେ ନିର୍ମିତ ହେଉଛି ଯାହା ପ୍ୟାରିସର ଇଫେଲ ଟାୱାରଠାରୁ ଉଚ୍ଚ ହେବ ।

ମୋଦିଙ୍କ ୮ବର୍ଷର ଶାସନ କାଳରେ ସ୍ୱାସ୍ଥ୍ୟସେବାରେ ବ୍ୟାପକ ଉନ୍ନତି ହୋଇଛି । ଆୟୁଷ୍ମାନ ଭାରତ ଅଧିନରେ ଦେଶର ୩.୨୮ କୋଟି ଡାକ୍ତରଖାନା ରହିଛି । ୧.୧୮ଲକ୍ଷ ସ୍ୱାସ୍ଥ୍ୟ ଓ ସୁସ୍ଥତା କେନ୍ଦ୍ର ଚାଲୁ ରହିଛି । ୮୭୦୦ ଜନୌଷଧି କେନ୍ଦ୍ର, ୧୫୦୦ରୁ ଅଧିକ ପିଏସ୍‌ଏ ପ୍ଲାଣ୍ଟ ଖୋଲାଯାଇଛି । ୨୨କୋଟି ଡିଜିଟାଲ୍ ହେଲ୍‌ଥ ଆଇଡି ସୃଷ୍ଟି କରାଯାଇଛି । ପୂର୍ବରୁ ଆଦୌ ପିପିଇ କିଟ୍ ପ୍ରସ୍ତୁତ କରୁ ନ ଥିବା ଭାରତ ଏବେ ଦୈନିକ ୫ଲକ୍ଷ କିଟ ପ୍ରସ୍ତୁତ କରୁଛି । ମିଶନ ଇନ୍ଦ୍ରଧନୁଷରେ ୫ କୋଟି ମାଆ ଓ ପିଲାଙ୍କୁ ସୁରକ୍ଷା ପ୍ରଦାନ କରାଯାଇଛି । ପିଏମ୍ କେଆର୍ସରେ ୫୦୦୦୦ ସଂଖ୍ୟାରେ ଭାରତରେ ନିର୍ମିତ ଭେଣ୍ଟିଲେଟର ପ୍ରଦାନ କରାଯାଇଛି । ୨୧୩ କୋଟି କୋରୋନା ଟୀକା ଅଗଷ୍ଟ ୨୦୨୨ ସୁଦ୍ଧା ଦେଶରେ ଦିଆଯାଇଛି । କୋରୋନା କାଳରେ ୯୦୦ ଅକ୍ସିଜେନ୍ ଏକ୍ସପ୍ରେସ ଟ୍ରେନ୍ ଦ୍ୱାରା ୩୬୮୪୦ ଟନ୍ ତରଳ ଅକ୍ସିଜେନ ବଣ୍ଟନ କରାଯାଇଥିଲା । ରେଳବାଇ ପକ୍ଷରୁ ୪୧୭୬ ଟ୍ରେନ୍ ବଗିକୁ କ୍ୱାରେଣ୍ଟାଇନ ସେଣ୍ଟର ଭାବେ ବ୍ୟବହାର କରାଯାଇଥିଲା । ଦେଶବିଦେଶରୁ କ୍ରାୟୋଜେନିକ୍ ଟ୍ୟାଙ୍କର ପରିବହନ ନିମିତ୍ତ ବାୟୁସେନାକୁ ମୁତୟନ କରାଯାଇଥିଲା ।

ଦେଶର ସୁରକ୍ଷା ଏବଂ ବିଦେଶ ନୀତି କ୍ଷେତ୍ରରେ ମୋଦିଙ୍କ ନେତୃତ୍ୱରେ ସରକାର ସର୍ବାଧିକ ସଫଳ ହୋଇଛି । ପଞ୍ଜାବ ଓ ଉତ୍ତର-ପୂର୍ବ ରାଜ୍ୟରେ ୨୦୧୬ ପରଠାରୁ ଆତଙ୍କବାଦୀ କାର୍ଯ୍ୟକଳାପରେ ଜନଜୀବନ କ୍ଷତି ହ୍ରାସ ପାଇଛି । ୩୭୦ ଧାରା ହଟାଇ ଜାମ୍ମୁ-କାଶ୍ମୀର ରାଜ୍ୟକୁ ସଂପୂର୍ଣ୍ଣ ରୂପେ ଭାରତରେ ସାମିଲ କରାଇ ଭାରତର ସାମ୍ବିଧାନିକ ବ୍ୟବସ୍ଥାକୁ କାର୍ଯ୍ୟକାରୀ କରାଯାଇଛି । ବିଦେଶକୁ ଭାରତରୁ ଯୁଦ୍ଧାସ୍ତ୍ର ରପ୍ତାନୀ ୬ ଗୁଣ ବୃଦ୍ଧିପାଇଛି । ୟୁକ୍ରେନରୁ ୨୨୫୦୦ ଲୋକଙ୍କୁ ଚଳିତ ବର୍ଷ ଫେବୃଆରୀ ଯୁଦ୍ଧ ପରେ ଉଦ୍ଧାର କରାଯାଇଥିଲା । ଟୀକା ମୈତ୍ରୀ କାର୍ଯ୍ୟକ୍ରମରେ ୧୦୦ରୁ ଅଧିକ ଦେଶକୁ ଭାରତ ଟୀକା ପ୍ରଦାନ କରିଛି । ସେମିତି କୋରୋନା କାଳରେ ଦେଶବିଦେଶରୁ ୧.୮୩ କୋଟି ଯାତ୍ରୀଙ୍କୁ ବନ୍ଦେ ଭାରତ ବିମାନ ଯୋଗେ ପରିବହନ ବ୍ୟବସ୍ଥା ଯୋଗାଇ ଦିଆଯାଇଥିଲା । ୩୦୦ ପ୍ରକାର ପ୍ରତିରକ୍ଷା ସାମଗ୍ରୀର ଏବେ ବିଦେଶୀରୁ ଆମଦାନୀ ବନ୍ଦ ହୋଇଛି । ଉତ୍ତର ପ୍ରଦେଶ ଏବଂ ତାମିଲନାଡୁରେ ପ୍ରତିରକ୍ଷା କରିଡର ନିର୍ମାଣ କରାଯିବାକୁ ସ୍ଥିର ହୋଇଛି, ଯାହା ସ୍ୱଦେଶୀ ଅସ୍ତ୍ର ଉତ୍ପାଦନକୁ ବହୁଗୁଣିତ କରିବ । ଦେଶର ପ୍ରତିରକ୍ଷା ରପ୍ତାନୀ ୨୦୧୪ରେ ୧୯୪୧ କୋଟି ଥିଲାବେଳେ ୨୦୨୧ରେ ୧୧୬୦୭ କୋଟି ଛୁଇଁଥିଲା । ବିଶ୍ୱରେ ଅଶାନ୍ତି ଏବଂ ଯୁଦ୍ଧ ପରିସ୍ଥିତିରେ ଭାରତୀୟ ଲୋକଙ୍କୁ ଉଦ୍ଧାର କରିବାରେ କେନ୍ଦ୍ର ସରକାରଙ୍କ ପ୍ରଶଂସନୀୟ ଭୂମିକା ରହିଆସିଛି । ୨୦୧୪ରେ ୟୁକ୍ରେନରୁ ୧୦୦୦ ଛାତ୍ରଛାତ୍ରୀ, ସିରିଆରୁ ଆଇଏସ୍ ଗୋଷ୍ଠୀ ଦ୍ୱାରା ଅପହୃତ ୪୬ ଜଣ ଭାରତୀୟ ନର୍ସଙ୍କୁ ଉଦ୍ଧାର, ଇରାକ ଏବଂ ସିରିଆରୁ ୭୦୦୦ ଭାରତୀୟଙ୍କୁ ଉଦ୍ଧାର, ଲିବିୟାରୁ ୪୦ ନର୍ସଙ୍କୁ ଉଦ୍ଧାର, ୩୭୦୦ ଭାରତୀୟ ନାଗରିକଙ୍କୁ ଲିବିୟାରୁ ଉଦ୍ଧାର, ୨୦୧୫ରେ ଅପରେସନ ରାହତ ମାଧ୍ୟମରେ ୟେମେନ ଯୁଦ୍ଧ କାଳରେ ୪୭୪୮ ଭାରତୀୟଙ୍କ ସମେତ ୪୧ଟି ଦେଶର ୧୯୬୨ ନାଗରିକଙ୍କୁ ଉଦ୍ଧାର, ନେପାଳରୁ ଭୂକମ୍ପ ପରେ ଅପରେସନ ମୈତ୍ରୀ ଦ୍ୱାରା ୫୧୮୮ ଭାରତୀୟ ଏବଂ ବିଦେଶୀ ନାଗରିକଙ୍କୁ ଉଦ୍ଧାର, ୨୦୧୬ରେ ଦକ୍ଷିଣ ସୁଦାନରୁ ୧୫୩ ବ୍ୟକ୍ତିଙ୍କୁ ଉଦ୍ଧାର, ୨୦୧୭ରେ କେରଳର ପାଦ୍ରୀଙ୍କୁ ଆଇଏସ୍ କବଳରୁ ଉଦ୍ଧାର, ୨୦୨୦ରେ କୋରୋନା ସମୟରେ ଚୀନରୁ ୬୩୭ ଭାରତୀୟଙ୍କ ସମେତ ୭ ମାଳଦ୍ୱୀପ ନାଗରିକଙ୍କୁ ଉଦ୍ଧାର, ୨୦୨୧ରେ ଆଫଗାନିସ୍ଥାନରେ ତାଲିବାନ ଶାସନ ଆସିବା ପରେ ୫୫୦ ବ୍ୟକ୍ତିଙ୍କୁ ଉଦ୍ଧାର କରି ମୋଦି ସରକାର ଆନ୍ତର୍ଜାତିକ ସ୍ତରରେ ନିଜ କୂଟନୀତିକ ଦକ୍ଷତାକୁ ପ୍ରମାଣିତ କରିଛନ୍ତି ।

ଆର୍ଥିକ କ୍ଷେତ୍ରରେ ଦେଖିଲେ ୨୦୨୨-୨୩ରେ ଭାରତର ଅଭିବୃଦ୍ଧି ହାର ପୃଥିବୀରେ ଅନ୍ୟ ଦେଶଠାରୁ ଅଧିକ ରହିବ ବୋଲି ଜଣାପଡିଛି । କୋରୋନା ପର ସମୟରେ ପୃଥିବୀର ବହୁଦେଶ ବିଯୁକ୍ତାତ୍ମକ ସ୍ଥିତିରେ ଥିଲାବେଳେ ଭାରତର ଅର୍ଥନୀତି ଭଲ ସ୍ଥିତିରେ ରହିଛି । ଅତୀତ ଦିନମାନଙ୍କରେ ଦେଖିଲେ ଗତବର୍ଷ ୨୦୨୧ରେ ବିଶ୍ୱର ୪୦ ପ୍ରତିଶତ ଡିଜିଟାଲ ଦେଣନେଣ ଭାରତରେ ହିଁ ହୋଇଛି । ଚଳିତବର୍ଷ ଏପ୍ରିଲ ମାସର ଜିଏସ୍‌ଟି ସଂଗ୍ରହ ୧.୬୮ ଲକ୍ଷ ହୋଇଥିଲା । ସେମିତି ବିଦେଶକୁ ରପ୍ତାନୀ ୨୦୨୧-୨୨ରେ ୬୭୦ ବିଲିଅନ ଡଲାର ହୋଇ ରେକର୍ଡ ସୃଷ୍ଟି କରିଛି । କୋରୋନା କାଳରେ ୭୦ଲକ୍ଷ କୋଟି ଆତ୍ମନିର୍ଭର ଭାରତ ପ୍ୟାକେଜରେ ଅର୍ଥନୀତିକୁ ସୁରକ୍ଷା ମିଳିଥିଲା । ମଧ୍ୟମ ଓ କ୍ଷୁଦ୍ର ଉଦ୍ୟୋଗ ପାଇଁ ୩.୧୯ ଲକ୍ଷ କୋଟି ଅର୍ଥ ପ୍ରଦାନ କରାଯାଇଥିଲା । ୨୦୨୧-୨୨ରେ ଭାରତ ୫୦୫ ବିଲିଅନ ଡଲାର ମୂଲ୍ୟର ମୋବାଇଲ ବିଦେଶକୁ ରପ୍ତାନୀ କରିବାକୁ ସକ୍ଷମ ହୋଇଛି । ଗତ ଆଠ ବର୍ଷରେ ୫.୪୯ ଲକ୍ଷ କୋଟିର ମନ୍ଦରଣକୁ ସଂଗ୍ରହ କରାଯାଇଛି । ଦେଶରେ ୧୦୦ଟି ୟୁନିକର୍ଣ୍ଣ କମ୍ପାନୀ ରହିଛନ୍ତି । ୨୦୨୧-୨୨ରେ ବିଦେଶୀ ପୁଞ୍ଜିନିବେଶ ୮୩.୫୭ ବିଲିଅନ ଡଲାର ହେବାସହ ରେକର୍ଡ ସୃଷ୍ଟି କରିଛି । ପିଏଲ୍‌ଆଇ ଯୋଜନାରେ ଦେଶରେ ୬୦ ଲକ୍ଷ ନିଯୁକ୍ତି ସୃଷ୍ଟି ପାଇଁ ସରକାର ଲକ୍ଷ୍ୟ ରଖିଛନ୍ତି । ୨୦୦୦ରୁ ୨୦୨୧ ମଧ୍ୟରେ ଦେଶକୁ ଆସିଥିବା ମୋଟ ପୁଞ୍ଜିନିବେଶ ୭୩୬.୮୩ ଲକ୍ଷ ଡଲାରରୁ ମୋଦିଙ୍କ ସମୟରେ ଗତ ୭ବର୍ଷରେ (୨୦୧୪-୨୨) ବିଦେଶୀ ପୁଞ୍ଜିନିବେଶ (୪୪୦.୨୭) ଆକର୍ଷଣୀୟ ରହିଛି । ଦେଶର ବେରୋଜଗାର ଇଣ୍ଡେକ୍ସ ସ୍ଥିତି ଜାନୁଆରୀ ୨୦୨୦ରେ ୧୯୨୫ ଥିଲା । ପ୍ରାକ୍-କୋରୋନା କାଳରେ ଦେଶର ବେରୋଜଗାର ସ୍ଥିତି ଜାନୁଆରୀ ୨୦୨୦ରେ ୭.୨ ପ୍ରତିଶତ ରହିଥିଲା । ଜାନୁଆରୀ ୨୦୨୨ ବେଳକୁ ରୋଜଗାର ସ୍ଥିତିରେ ସୁଧାର ଆସି ଇଣ୍ଡେକ୍ସ ୨୭୧୬ରେ ପହଞ୍ଚିଲା । ୨୦୧୭ରୁ ୨୦୨୨ ମଧ୍ୟରେ ୧୮-୨୮ ବର୍ଷୀୟ ୩.୫୨ କୋଟି ଯୁବକ ଇପିଏଫ୍‌ଓ ସହ ଯୋଡି ହୋଇଛନ୍ତି (ଏମ୍ପ୍ଲୟିଜ୍ ପ୍ରୋଭିଡେଣ୍ଟ ଫଣ୍ଡ୍ ଅର୍ଗାନାଇଜେସନ) ।

ବାଣିଜ୍ୟିକ ବିକାଶ ପାଇଁ ୧୪୦୦ରୁ ଅଧିକ ଆଇନକୁ ହଟାଯାଇଛି । କର୍ପୋରେଟ୍ ଟିକସ ୨୫ ପ୍ରତିଶତରୁ ୧୫ ପ୍ରତିଶତକୁ ହ୍ରାସ କରାଯାଇଛି । ଶ୍ରମିକଙ୍କ କଲ୍ୟାଣ ପାଇଁ ୪ଟି ନୂଆ ଶ୍ରମସଂହିତା ଅଣାଯାଇଛି । ୨୦୨୧-୨୨ରେ ୧ଲକ୍ଷ ୬୭ ହଜାର ନୂଆ କମ୍ପାନୀ ପଞ୍ଜିକୃତ ହୋଇଛନ୍ତି । ଏହି ସଂଖ୍ୟା ଗୋଟିଏ ଆର୍ଥିକବର୍ଷରେ ସର୍ବାଧିକ ବୋଲି କୁହାଯାଉଛି । ବାଣିଜ୍ୟ ଅନୁମତି ଏବେ ୧୪ ନୁହେଁ ୩ଟିକୁ ହ୍ରାସ କରାଯାଇଛି । ଫଳରେ ୨୦୧୪ରେ ଭାରତର ର୍ୟାଙ୍କିଂ ବାଣିଜ୍ୟ କ୍ଷେତ୍ରରେ ୧୪୨ତମ ସ୍ଥାନରେ ଥିଲାବେଳେ ୨୦୧୯ରେ ୬୩କୁ ଉଠିଥିଲା ।

ମୋଦି ସରକାରଙ୍କ ସଫଳତାର ଅନ୍ୟ ଏକ ପଦଚିହ୍ନ ଉତ୍ତର-ପୂର୍ବାଞ୍ଚଳର ବିକାଶ ଓ ଶାନ୍ତି ସ୍ଥାପନା । ନାଗାଶାନ୍ତି ବୁଝାମଣା (୨୦୧୫), ତ୍ରିପ୍ରା ଶାନ୍ତି ବୁଝାମଣା (୨୦୧୯), ବୋଡୋ ଶାନ୍ତି ବୁଝାମଣା (୨୦୨୦), ବ୍ରୁ-ରିଆଙ୍ଗ ଶାନ୍ତି ବୁଝାମଣା (୨୦୨୦), କାର୍ବି ଆଙ୍ଗଲଙ୍ଗ୍ ଶାନ୍ତି ବୁଝାମଣା (୨୦୨୧), ଆସାମ-ମେଘାଳୟ ସୀମା ବୁଝାମଣା (୨୦୨୨) ଯୋଗୁ ଅଶାନ୍ତ ଉତ୍ତର ପୂର୍ବାଞ୍ଚଳ ଏବେ ଶାନ୍ତିକୁ ଫେରିଛି, ହିଂସାକାଣ୍ଡ କମିଛି, ନାଗରିକଙ୍କ ମୃତ୍ୟୁ ହ୍ରାସ ପାଇଛି । ଅରୁଣାଚଳ ପ୍ରଦେଶ, ଆସାମ, ତ୍ରିପୁରାକୁ ବ୍ରଡଗେଜ୍ ରେଳପଥ ସହ ସଂଯୋଗ କରାଯାଇଛି । ୨୦୧୪ ତୁଳନାରେ ୨୦୨୨ ବେଳକୁ ଏହି କ୍ଷେତ୍ରରେ ୭୪ ପ୍ରତିଶତ ସନ୍ତ୍ରାସୀ କାର୍ଯ୍ୟ, ୮୪ ପ୍ରତିଶତ ନାଗରିକଙ୍କ ମୃତ୍ୟୁ, ୬୦ ପ୍ରତିଶତ ସୁରକ୍ଷା କର୍ମୀଙ୍କ ମୃତ୍ୟୁ ହ୍ରାସ ପାଇଛି । ୨୦୧୪ରେ ଉତ୍ତର-ପୂର୍ବ ରାଜ୍ୟଗୁଡିକରେ ମୋଟ ୯ଟି ବିମାନବନ୍ଦର ରହିଥିଲା, ଯାହା ୨୦୨୨ ବେଳକୁ ୧୫ରେ ପହଞ୍ଚିଛି । କର୍କଟ ରୋଗ ଚିକିତ୍ସା ପାଇଁ ଆସାମର ଡିବ୍ରୁଗଡ, କୋକ୍ରାଝର, ବାରପେଟା, ଦାରଙ୍ଗ, ତେଜପୁର, ଲଖିମ୍‌ପୁର, ଜୋରହାଟରେ ଡାକ୍ତରଖାନା ଖୋଲିଛି । ତେବେ ଧୁବ୍‌ରୀ, ନଲବାଡ଼ି, ଗୋଆଲପଡା, ନାଗାଓଁ, ଶିବସାଗର, ତିନ୍‌ସୁକିଆ, ଗୋଲାଘାଟରେ ମଧ ଦ୍ୱିତୀୟ ଦଫାରେ ଡାକ୍ତରଖାନା ନିର୍ମାଣ ଜାରି ରହିଛି । ତେଣୁ ମୋଟାମୋଟି ଭାବେ ଦେଖିବାକୁ ଗଲେ ମୋଦିଙ୍କ ବିଗତ ୮ବର୍ଷର ଶାସନକୁ ବେମିଶାଲ ବା ବହୁତ ଭଲ ବୋଲି କହିବାକୁ ହେବ ।

*-ଭାରତୀୟ ସମ୍ବାଦ ସେବା (ଭାସ୍)*
*ଭୁବନେଶ୍ୱର-୭୫୧୦୦୩*

# ଜନଚରିତ୍ର, ଜନଆକାଂକ୍ଷା, ଜନନେତା

ହରେକୃଷ୍ଣ ପଣ୍ଡା



ଆଜିର ସ୍ୱାଧିନ ଓ ଗଣତାନ୍ତ୍ରିକ ରାଷ୍ଟ୍ରରେ ଜନଚରିତ୍ର ଅତି ଅଦ୍ଭୁତ ରୂପ ନେଇଛି। ମଣିଷ ତାର ମାନବିକ ଗୁଣକୁ ହରାଇ ପଶୁ ପ୍ରବୃତିକୁ ଗ୍ରହଣ କରିନେଇଥିବା ଦେଖାଯାଉଛି। ମଣିଷର ଏହି ପ୍ରବୃତି ଜାଗ୍ରତ ହେବା ଦିନରୁ ସେ ନିଜକୁ ଜଣେ ପରାଜିତ ସୈନିକ ବୋଲାଇବା ସହିତ ଦେଶ, ଜାତି, ସମାଜର ଭବିଷ୍ୟତକୁ ଅନ୍ଧକାର ଭିତରକୁ ଠେଲି ଦେଉଛି। ଆଜି ସାରା ଦେଶରେ ଚର୍ଚ୍ଚା ଚାଲିଛି ମାଗଣା ସଂସ୍କୃତି ଉପରେ। ସୁପ୍ରିମକୋର୍ଟଠାରୁ ଆରମ୍ଭକରି ପାର୍ଲାମେଂଟ ପର୍ଯ୍ୟନ୍ତ ଗଣତାନ୍ତ୍ରିକ ଶାସନରେ ଦାଗୀ ଲୋକପ୍ରତିନିଧି, ଗରିବୀ, ଜାତିଭିତିକ ସଂରକ୍ଷଣ ଓ ମାଗଣା ବଂଟନ ବ୍ୟବସ୍ଥାକୁ (ଭୋଟ ବ୍ୟାଙ୍କ) କୌଣସି ସରକାର ଅନ୍ତ ଘଟାଇପାରୁନାହାନ୍ତି। ଭବିଷ୍ୟତରେ ଏହାର ଅନ୍ତ ଘଟିବାର ଆଶା ଦେଖାଯାଉନାହିଁ। ଏହି ପ୍ରସଙ୍ଗଗୁଡିକ ଭୋଟ ବ୍ୟାଙ୍କ ସହିତ ଜଡିତ ଥିବାରୁ କୌଣସି ସରକାର ଏଥିରେ ହାତ ମାରିବାକୁ ସାହସ କରିପାରୁନାହାଁନ୍ତି। ପ୍ରତ୍ୟେକ ସରକାର ଗୋଟିଏ ଭୁଲ ଭିତିଭୂମି ଉପରେ ଦଣ୍ଡାୟମାନ ହୋଇଥିବା ପ୍ରସଙ୍ଗକୁ ଏଡାଇଯିବା ଶ୍ରେୟସ୍କର ବୋଲି ମନେକରୁଛନ୍ତି। ସରକାର ତାଙ୍କର ନିଜ କର୍ତବ୍ୟ, ଶାସନ, ଦୋଷୀକୁ ଦଣ୍ଡ, ସାଧାରଣ ଜନତାଙ୍କୁ ସୁରକ୍ଷା, ସାର୍ବଜନୀନ ଅର୍ଥନୀତି ଓ ପରିଚାଳନାକୁ ଏକପ୍ରକାର ଗୁରୁତ୍ୱ ଦେଉନଥିବା ଦେଖାଯାଉଛି। ଏଥିପାଇଁ ଜନଚରିତ୍ରକୁ ବିଶ୍ଲେଷଣ କଲେ ଜାଣିପାରିବା ଯେ ଦେଶର ୮୦ ଭାଗ ଜନଚରିତ୍ର କ୍ରମଶଃ ସୁସ୍ଥ ନାଗରିକ ସୀମାରେଖା ତଳକୁ ଖସି ଆସିଛି। ଆଜିର ଜନତା ଚାହେଁ ବିନା ପରିଶ୍ରମରେ ଉପାର୍ଜନ, ସରକାରୀ ଅର୍ଥକୁ ଆତ୍ମସାତ, ଋଣ ଅର୍ଥକୁ ପରିଶୋଧ ନକରିବା, ଅପରାଧ କରି ଦଣ୍ଡ ନପାଇବା, ସବୁଠି ନିଜ ସ୍ୱାର୍ଥରକ୍ଷା ପାଇଁ ବିଶ୍ୱାସଘାତକ ହେବା, ଜାତୀୟ ସମ୍ପତିକୁ ନଷ୍ଟ କରିବା, ସବୁ କ୍ଷେତ୍ରରେ ସରକାରୀ ସାହାଯ୍ୟ ପ୍ରତି ନିର୍ଭରଶୀଳ ହେବା, ବିଭିନ୍ନ ଅପରାଧରୁ ମୁକ୍ତ ହେବା ପାଇଁ ରାଜନୀତିକୁ ଆଧାର କରି ନିର୍ଦ୍ଦୋଷ ବୋଲାଇବା, ଅଣପ୍ରତିଭାସମ୍ପନ୍ନ ବ୍ୟକ୍ତି ପ୍ରତିଭାବାନଙ୍କୁ ଚିତ୍‌ପଟାଙ୍ଗ କରି ନିଜେ ସମାଜରେ ଓ ରାଜନୀତିରେ ପ୍ରତିପତି ବିସ୍ତାର କରିବା ଇତ୍ୟାଦି। ଦୀର୍ଘଦିନ ଧରି ଜନତା ଅଭ୍ୟସ୍ତ ହୋଇଗଲେଣି ସବୁ କ୍ଷେତ୍ରରେ ଲାଂଚ ଦେଇ ଜବରଦସ୍ତ କାର୍ଯ୍ୟ ହାସଲ କରିବା। ଆଦର୍ଶ, ନୀତି, ସ୍ୱଚ୍ଛତାକୁ ପରିହାସ କରି ଏହା ସମାଜ ପାଇଁ ଅଦରକାରୀ ବୋଲି ଯୁକ୍ତି ଛଳରେ ସାବ୍ୟସ୍ତ କରିବା। ଏତାଦୃଶ ସହଯୋଗ, ପ୍ରୋତ୍ସାହନ ଏବଂ ଲାଂଚ, ମିଛ, ଦୋଷ ଓ ଅପରାଧକୁ ଯେଉଁ ସରକାର, ଯେଉଁ ଶାସକ, ଯେଉଁ ଲୋକପ୍ରତିନିଧି ସମର୍ଥନ କରି ଚାଲେ, ସେମାନଙ୍କୁ ୪୦ରୁ ୬୦ ଭାଗ ଲୋକ ବାରମ୍ବାର ଭୋଟ ଦେଇ ଜୟଯୁକ୍ତ କରାଇଥାଆନ୍ତି। ମାତ୍ର କେତୋଟି ଟଙ୍କାରେ ମୁଣ୍ଡ ବିକି ଦେଇ ଦେଶର ଭବିଷ୍ୟତକୁ ଅନ୍ଧକାର ମଧ୍ୟକୁ ଠେଲିଦିଅନ୍ତି। ଏ କ୍ଷେତ୍ରରେ ଲୋକଙ୍କ ବିଚାର, ରାଷ୍ଟ୍ରହିତ, ଗଣତନ୍ତ୍ର ପ୍ରତି ନିଷ୍ଠା ଅମୂଳକ ପାଲଟିଥାଏ। ଆଜି ଆମ ଦେଶର ଜନଚରିତ୍ର ଏହିଭଳି।

ଗୋଟିଏ ଗଣତାନ୍ତ୍ରିକ ରାଷ୍ଟ୍ରରେ ଜନତା କ'ଣ ଚାହେଁ ନେତାଙ୍କଠାରୁ ବା ସରକାରଙ୍କଠାରୁ, ତାହା ଆମ ଦେଶର ଲୋକେ ଜାଣନ୍ତି ନାହିଁ। ଗୋଟିଏ ଗଣତାନ୍ତ୍ରିକ ରାଷ୍ଟ୍ରରେ ଜନତା ଚାହିଁବ ନିଜସ୍ୱ ଶୈଳୀରେ ବଂଚିବାର ଅଧିକାର, ନିଜର ସ୍ୱାଧିନତା, ସୁରକ୍ଷା, ନିଜର ଆତ୍ମିକ ବିକାଶ ପାଇଁ ରାଜନୀତି ବା ସରକାରଙ୍କଠାରୁ ଗ୍ୟାରେଂଟି ପାଇବା। କିନ୍ତୁ ଏହାର ପ୍ରତିବଦଳରେ ମଣିଷ ନିଜର ସ୍ୱାର୍ଥ, ଓ ଅର୍ଥ ଦ୍ୱାରା ନିଜର ମୁଣ୍ଡ ବିକିଥାଏ ବୃହତର ସ୍ୱାର୍ଥକୁ ଜଳାଂଜଳି ଦେଇ। ଜନତାଙ୍କଠାରେ ଥିବା ଦୁର୍ବଳତାକୁ ଲକ୍ଷ୍ୟ ରଖି ଚତୁର ରାଜନୀତିଜ୍ଞ ମନସ୍ତାତ୍ୱିକ ଦିଗରୁ ତାଙ୍କର ନୀତି ନିର୍ଦ୍ଧାରଣ କରିଥାଆନ୍ତି। ସୁରୁଖୁରରେ ଦେଶ ଶାସନ ଚଳାଇ ବାହା ବାହା ନେବା ପାଇଁ ନୀତି ବଦଳରେ ଅନୀତି, ଦୋଷୀକୁ ନିର୍ଦ୍ଦୋଷରେ ମୁକ୍ତ କରିବା, ଲୋକମାନଙ୍କ ସାମୟିକ ଖୁସି ନିମନ୍ତେ ମାଗଣା ବଂଟନ ବ୍ୟବସ୍ଥା, ଦଳର କର୍ମୀ ବୋଲାଉଥିବା ନାଗରିକମାନଙ୍କୁ ଯେତେ ଅପରାଧ କଲେ ମଧ୍ୟ ନିର୍ଦ୍ଦୋଷ ବୋଲି ପ୍ରମାଣିତ କରିଥାଆନ୍ତି। ସାମାଜିକ ବ୍ୟବସ୍ଥା ବୋଲି କିଛି ନଥାଏ। ସରକାରଙ୍କ ଦୋଷ ଦୁର୍ବଳତାକୁ ଧରୁଥିବା ଲୋକ ଏଠି ଦଣ୍ଡ ପାଏ, କିନ୍ତୁ ସାମାଜିକ ଅପରାଧ କରୁଥିବା ଲୋକ ଏଠି ନିଜର ପ୍ରତିପତି ବିସ୍ତାର କରେ। ଲୋକମାନେ ତାଙ୍କରି କଥାରେ ଚାଲନ୍ତି। ଏହାଠାରୁ ବଳି ଦୁର୍ଭାଗ୍ୟ ଆଉ କ'ଣ ଥାଇପାରେ ? ରାଜନୀତିକୁ ଆଶ୍ରା କରି ବଂଚୁଥିବା ଲୋକ ଧନୀ ପାଲଟୁଛି, ବୌଦ୍ଧିକ ଚିନ୍ତାଧାରାକୁ ଆଶ୍ରା କରି ବଂଚୁଥିବା ଲୋକ ଅବାଂଛିତ ଜୀବନ କଟାଉଛି। ଜ୍ଞାନ ନଥିବା ଲୋକ ଉଚ୍ଚ ଆସନରେ ବସି ଜ୍ଞାନ ବିତରଣ କରୁଛି, ଜ୍ଞାନ, ଦକ୍ଷତା ଥିବା ଲୋକ ମୂର୍ଖ ସଦୃଶ ତାର ସ୍ତୁତିଗାନ କରୁଛି। ଗୋଟାଏ ବିରାଟକାୟ ଅନ୍ଧ ମାର୍ଗଦର୍ଶନ କରିବା ପାଇଁ ବାଟ ଅଣ୍ଡାଳି ଚାଲୁଛି, ଆମେ ସବୁ ଅନ୍ଧ ଏକ ବିରାଟ ପଟୁଆର ବାନ୍ଧି ସେହି ଅନ୍ଧ ପଛରେ ଚାଲିଛେଁ ଜୀବନର ମାର୍ଗ କେଉଁଠି ତାହା ଦେଖିବା ପାଇଁ। କି ଆଶ୍ଚର୍ଯ୍ୟର କଥା !

ଦେଶକୁ ବା ରାଜ୍ୟକୁ ଚଳାଇବା ପାଇଁ ଶାସନ ଆବଶ୍ୟକ। ଶାସନ କିଭଳି ହେବା ଆବଶ୍ୟକ ତାହା ଅତୀତର ମୁନି ଋଷିମାନେ ନିର୍ଦ୍ଧାରଣ କରି ଯାଇଛନ୍ତି। ସେମାନଙ୍କ ମାର୍ଗଠାରୁ ଆଉ ଉତ୍କୃଷ୍ଟ ମାର୍ଗ ନାହିଁ କହିଲେ ଚଳେ। ଦେଶ ଶାସନ କରୁଥିବା ଜନପ୍ରତିନିଧିଙ୍କର ଆଭିମୁଖ୍ୟ ହେଉଛି ସମାଜ ଠିକ୍ ବାଟରେ ଚାଲୁ, ତାହାର ଉନ୍ନତି ହେଉ, ପ୍ରଗତି ହେଉ, ଅପରାଧବୃତି ଉତ୍ପନ୍ନ ନହେଉ, ଅର୍ଥବ୍ୟବସ୍ଥା ଓ ପ୍ରଶାସନ ସୁଦୃଢ ହୋଇ ଚାଲୁ, ସବୁଠି ସୁରକ୍ଷା ମଜବୁତ ରହୁ, ସମସ୍ତ ନାଗରିକ ସୁଖୀ ହୁଅନ୍ତୁ। ଦେଶ ପରିଚାଳନା ପାଇଁ ଦୁଇଟି କ୍ଷେତ୍ର ବିଦ୍ୟମାନ। ଗୋଟିଏ ହେଉଛି ଭୌତିକ କ୍ଷେତ୍ର ବା ବାହ୍ୟ ବା ରାଜନୈତିକ କ୍ଷେତ୍ର। ଅନ୍ୟଟି ହେଉଛି ଆତ୍ମିକ କ୍ଷେତ୍ର ଆନ୍ତରିକ ବିକାଶର କ୍ଷେତ୍ର। ଏ ଦୁଇଟି କ୍ଷେତ୍ରର ଉଦ୍ଦେଶ୍ୟ ହେଉଛି ପରସ୍ପରର ପୂରକ ରୂପେ ବ୍ୟକ୍ତିଗତ ବିକାଶରୁ ସାମୁଦାୟିକ ବିକାଶକୁ ସୁନିଶ୍ଚିତ କରିବା। ଏ ଦୁଇଟି ଯେପର୍ଯ୍ୟନ୍ତ ପରସ୍ପର ପୂରକ ହୋଇ ରହିଥିଲେ ସେ ପର୍ଯ୍ୟନ୍ତ ଭାରତୀୟ ସଂସ୍କୃତି ଉନ୍ନତିର ସୋପାନ ବଢି ବଢି ଚାଲିଥିଲା। ଉଦାହରଣସ୍ୱରୂପ ଚନ୍ଦ୍ରଗୁପ୍ତଙ୍କୁ ଯଦି ଚାଣକ୍ୟଙ୍କ ମାର୍ଗଦର୍ଶନ ମିଳି ନ ଥାଆନ୍ତା, ତାହାହେଲେ ସେ କ'ଣ ଏକ ଅଖଣ୍ଡ ଅପରାଜିତ ସାମ୍ରାଜ୍ୟ ସ୍ଥାପନ କରିବା ସମ୍ଭବ ହୋଇଥାଆନ୍ତା ! ଛତ୍ରପତି ଶିବାଜୀଙ୍କୁ ଯଦି ଗୁରୁ ରୂପେ ସମର୍ଥ ଗୁରୁଙ୍କ ସହଯୋଗ ମିଳି ନଥାଆନ୍ତା, ତାହାହେଲେ ସେ କ'ଣ ଏତେସବୁ ଶୌର୍ଯ୍ୟର ଗାଥା ଲେଖିପାରିବା ସମ୍ଭବ ହୋଇଥାଆନ୍ତା ! ଏହିଭଳି ଯେତେବେଳେ ଶାସନ ତନ୍ତ୍ର ନିଜ ପଥରୁ ବିଚ୍ୟୁତ ହୁଏ ସେତେବେଳେ ଉଚିତ ମାର୍ଗଦର୍ଶକ ଠିକ୍ ବାଟ ଦେଖାଇଦିଅନ୍ତି। କିନ୍ତୁ ବର୍ତମାନ ସରକାର ବା ରାଜନୀତିଜ୍ଞମାନେ ନିଜେ ନିଜର ମାର୍ଗଦର୍ଶକ ସାଜିଛନ୍ତି। ସେମାନଙ୍କ ପାଇଁ ଅଭାବ ଦେଖାଯାଏ ଆତ୍ମିକ ଜ୍ଞାନ ଓ ରାଷ୍ଟ୍ରଭକ୍ତି। ଆତ୍ମିକ ଜ୍ଞାନର ଜାଗରଣ ଦ୍ୱାରା ଦେଶ, ରାଷ୍ଟ୍ର, ସମାଜ, ମାନବତା ସବୁର ମାର୍ଗ ନିୟନ୍ତ୍ରିତ ହୋଇଯାଏ। ଭଗବାନ ବୁଦ୍ଧଙ୍କର ଅଢେଇ ଲକ୍ଷ ଶିଷ୍ୟ ଭାରତରୁ ନେଇ ଜାପାନର ରାଜତନ୍ତ୍ରକୁ ମନ୍ତ୍ରୀ ଦେଇଥିଲେ। ଏହାଦ୍ୱାରା ହତ୍ୟାକାରୀ-ମାନେ ଭିକ୍ଷୁ ପାଲଟି ଯାଇଥିଲେ। ଗଣିକାମାନେ ଭିକ୍ଷୁଣୀ ହୋଇ ଯାଇଥିଲେ। ବିରାଟ ପରିବର୍ତନ ଘଟିଥିଲା ସେତେବେଳେ। ତେବେ ଆମ ଦେଶରେ ଶାସକମାନେ ଭୌତିକ ଓ ଆତ୍ମିକ ଜ୍ଞାନ ବ୍ୟତିରେକେ ଶାସନ ଗାଦୀରେ ବସୁଛନ୍ତି ସତ; କିନ୍ତୁ ଜନଚରିତ୍ରକୁ କଳୁଷିତ କରିଦେଉଛନ୍ତି କେବଳ ନିରନ୍ତର କ୍ଷମତାର ଲୋଭରେ। ବାସ୍ତବତା, ସତ୍ୟ, ନିଷ୍ଠା, ଆଦର୍ଶ ଓ ନୈତିକତା ନଥିବା ଲୋକ ଗାଦିନସୀନ ହେଉଛନ୍ତି, ସେମାନଙ୍କର ଏକମାତ୍ର ଲକ୍ଷ୍ୟ ରହୁଛି ନିଜ ଦଳ, ନିଜ ଆସନ,କିପରି ସୁଦୃଢ ହେବ ଏଥିପାଇଁ ଭୋଟରଙ୍କୁ ଯେନତେନ ପ୍ରକାରେଣ ପ୍ରଲୋଭିତ କରି ରଖିବାର ନୀତି ଗ୍ରହଣ କରିବା।

*-ସମ୍ପାଦକ, ଅଖିଳଚକ୍ର, ଓଡିଶା, ଯାଜପୁର, ମୋବାଇଲ-୯୪୩୭୩୧୫୬୨୩*




# ଭଲ ହୁଅ ଏବଂ ଭଲ ଦେଖ !

ଆମେ ସମସ୍ତେ କହୁ ଯେ ଭଲ ହେବା ଓ ଭଲ ଦେଖିବା କିନ୍ତୁ ଏହା ଏକ ଛଳନା କହିଲେ ଅତ୍ୟୁକ୍ତି ହେବନାହିଁ। କାରଣ ଆମ୍ଭେମାନେ ଆମ୍ଭମାନଙ୍କ ବ୍ୟକ୍ତିତ୍ୱକୁ ଅନ୍ୟମାନଙ୍କ ପାଇଁ ଆଦର୍ଶର ପ୍ରେରଣା ସୃଷ୍ଟି କରିପାରିନାହୁଁ। ଭଗବାନଙ୍କ ନାମସ୍ମରଣ ଅର୍ଥ ଏକ ଉନ୍ନତ ନୈତିକ ଚେତନାର ବିକାଶ କରିବା ଆମର ଅନ୍ତର ଏହି ପ୍ରକାରେ ଦୀପ୍ତିରେ ସଦା ପ୍ରଜ୍ୱଳିତ ହୋଇ ରହିବା ଉଚିତ। ଆମେ ଜାଣୁ ଯେ ଆଲୋକ ଯେତେବେଳେ ଉଭେଇ ଯାଏ, ସେତେବେଳେ ଅନ୍ଧକାର ଘୋଟି ଆସେ। ଆମର ଦୃଷ୍ଟି ଯେତେବେଳେ ନିର୍ମଳ ହେବ ସେତେବେଳେ କେବଳ ଭଗବାନଙ୍କୁ ଆମେ ଦେଖିପାରିବା। ଅପରିଷ୍କୃତ ମନ କେବଳ ଖରାପ କଥା ହିଁ ଦେଖିବ।

ଯୁଧିଷ୍ଠିର ଥିଲେ ଧର୍ମପରାୟଣ ରାଜା। ସେହି ସମୟରେ ଦୁର୍ଯ୍ୟୋଧନ ଥିଲେ ଅତ୍ୟନ୍ତ ଦୁର୍ମତିସଂପନ୍ନ ବିଧର୍ମୀ ରାଜା। ଦିନେ ଭଗବାନ କୃଷ୍ଣ ତାଙ୍କ ପାଇଁ ଏକ ଖଳ ପ୍ରକୃତିର ଲୋକକୁ ଖୋଜି ଆଣିବାକୁ ଧର୍ମରାଜ ଯୁଧିଷ୍ଠିରଙ୍କୁ କହିଲେ। ଯୁଧିଷ୍ଠିର ସବୁଆଡ଼େ ପରିଭ୍ରମଣ କରି ଗୋଟିଏ ହେଲେ ମନ୍ଦ ଲୋକ ନପାଇ କୃଷ୍ଣଙ୍କ ନିକଟକୁ ଫେରି ଆସିଲେ। ତା'ପରେ କୃଷ୍ଣ ତାଙ୍କ ନିକଟକୁ ଜଣେ ମାତ୍ର ଭଲ ଲୋକଙ୍କୁ ଆଣିବା ପାଇଁ ଅନାଚାରୀ ଦୁର୍ଯ୍ୟୋଧନଙ୍କୁ ଆଦେଶ ଦେଲେ। ସେ ଚାରିଆଡ଼େ ବୁଲିଲେ କିନ୍ତୁ ଜଣେହେଲେ ଭଲ ଲୋକ ତାଙ୍କ ଦୃଷ୍ଟିଗୋଚର ହେଲାନାହିଁ। ସେ କୃଷ୍ଣଙ୍କ ନିକଟକୁ ଫେରିଆସି ତାହା ଜଣାଇଲେ।

ଉପରୋକ୍ତ ଗଳ୍ପଟିରୁ ଆମେ ଏହି ଶିକ୍ଷାଲାଭ କରୁ ଯେ ଆମେ ଯଦି ନିଜେ ଭଲ ହେବା ତାହାହେଲେ ସମସ୍ତେ ଆମ ପ୍ରତି ଭଲ ହେବେ। କିନ୍ତୁ ଆମେ ଯଦି ନିଜେ ମନ୍ଦ ଆଚରଣ କରିବୁ ତାହାହେଲେ ସାରା ସଂସାର ଆମକୁ ଅସାର ବୋଲି ପ୍ରତିଭାତ ହେବ। ପ୍ରତ୍ୟେକ ଲୋକ କିଛିନା କିଛି ସୁଗୁଣର ଅଧିକାରୀ। ଆମେ ଯଦି ମନ୍ଦଗୁଣଗୁଡ଼ିକୁ ନିରୀକ୍ଷଣ କରିବାକୁ ଚାହୁଁ, ତେବେ ପ୍ରଥମେ ଆମେ ଆମ ଭିତରେ ତାହା ଆବିଷ୍କାର କରିବା ଉଚିତ। ଆମେ ଯଦି ଏପରି କରୁ ଧୀରେ ଧୀରେ ଆମ ଭିତରେ ଥିବା ଦୁର୍ଗୁଣଗୁଡ଼ିକ ଲୋପ ପାଇଯିବ। ଆମେ ଯଦି ଅନ୍ୟର ଦୋଷଗୁଡ଼ିକ ଖାଲି ବାଛିବସୁ ଏବଂ ନିଜର ଗୁଣଗାନ କରୁ ତେବେ ଆମର ଯାହା କିଛି ସୁଗୁଣ ଥିବ ତାହା ମଧ୍ୟ ଆମକୁ ଛାଡ଼ି ଚାଲିଯିବ। ତଦ୍ୱାରା ଦୁର୍ଗୁଣଗୁଡ଼ିକ ବଢ଼ି ଚାଲିବ। ଏ ସଂସାରରେ ବାସ କରୁଥିବା ଅନେକ ଲୋକଙ୍କ ଆମେ ନିନ୍ଦାଗାନ କରିଥାଉ, ତାଙ୍କୁ ସମାଲୋଚନା କରୁ, ତାଙ୍କର ଅନିଷ୍ଟ ଚିନ୍ତା କରୁ, ଏପରି ଆଚରଣ କରିବା ଦ୍ୱାରା ଆମର ମନ ଦିନକୁ ଦିନ ଦୂଷିତ ହୋଇଯାଏ। ତେଣୁ ଆଧ୍ୟାତ୍ମିକ ପଥରେ ଅଗ୍ରସର ହେବାକୁ ହେଲେ ଅନ୍ୟର କେବଳ ଭଲଗୁଣଗୁଡ଼ିକ ଦେଖିବା ଉଚିତ। ସମସ୍ତଙ୍କ ପ୍ରତି ସ୍ନେହ ପ୍ରଦର୍ଶନ କରିବା ଉଚିତ।

ଆମେ ଯଦି ଅନ୍ୟମାନଙ୍କର ସୁଗୁଣ ପ୍ରତି ଆକର୍ଷିତ ହେଉ, ତାହାହେଲେ ଆମେ ସେମାନଙ୍କ ହୃଦୟରେ ବିରାଜିତ ଥିବା ଈଶ୍ୱରଙ୍କୁ ଦେଖିପାରିବା, କାରଣ କେବଳ ଭଗବାନ ହେଉଛନ୍ତି ଉତ୍ତମ ଓ ଶ୍ରେଷ୍ଠ। ଅନ୍ୟମାନଙ୍କ ହୃଦୟରେ ତାଙ୍କୁ ଦର୍ଶନ କରିପାରିଲେ ଆମେ ନିଜ ଭିତରେ ମଧ୍ୟ ଭଗବାନଙ୍କ ସତ୍ତାକୁ ଉପଲବ୍ଧି କରିପାରିବା। ଆମେ ଯେତେ ସମୟ ପର୍ଯ୍ୟନ୍ତ ଅନ୍ୟକୁ ସମାଲୋଚନା କରୁଥିବା ସେତେବେଳ ପର୍ଯ୍ୟନ୍ତ ଆମେ ସେମାନଙ୍କ ଆତ୍ମାରେ ଥିବା ଈଶ୍ୱରଙ୍କୁ ଦର୍ଶନ କରିପାରିବା ନାହିଁ।

**ରାଜକିଶୋର ମିଶ୍ର**, ପୂର୍ବତନ ସମ୍ପାଦକ, ଶ୍ରୀସତ୍ୟସାଇ ବିଦ୍ୟାଳୟ, କଳାବିକାଶ କେନ୍ଦ୍ର ମାର୍ଗ, କଟକ, ଦୂରଭାଷ : ୭୦୦୮୧୮୧୮୨୦

## ରାଷ୍ଟ୍ରୀୟ ବାଲ୍ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ଜରିଆରେ ହୃଦ୍‌ରୋଗର ମାଗଣା ଅସ୍ତ୍ରୋପଚାର



କେନ୍ଦୁଝର (ପିଏନ୍): ଜାତୀୟ ସ୍ୱାସ୍ଥ୍ୟ ମିଶନ ଅନ୍ତର୍ଗତ ରାଷ୍ଟ୍ରୀୟ ବାଲ୍ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ମାଧ୍ୟମରେ ତା ୧୨.୦୯.୨୦୨୨ରିଖ ସୋମବାର ଅପରାହ୍ନରେ ହୃଦ୍‌ରୋଗରେ ପିଡିତ ଥିବା ୦୫ ଜଣ ଶିଶୁଙ୍କୁ ମାଗଣା ଅସ୍ତ୍ରୋପଚାର ନିମନ୍ତେ ଅହମ୍ମଦାବାଦ ସ୍ଥିତ ସତ୍ୟସାଇ ହୃଦ୍‌ରୋଗ ଚିକିତ୍ସାଳୟକୁ ପ୍ରେରଣ କରାଯାଇଛି । ଚିକିତ୍ସା ନିମନ୍ତେ ଯାଇଥିବା ବିଭିନ୍ନ ବ୍ଲକ୍‌ର ଶିଶୁମାନେ ଯଥା-ଘଟଗାଁ ବ୍ଲକ୍‌ରୁ ୦୨ ଜଣ, ହରିଚନ୍ଦନପୁର ବ୍ଲକ୍‌ରୁ ୦୨ ଜଣ ଏବଂ ପାଟଣା ବ୍ଲକ୍‌ରୁ ୦୧ ଜଣ ଶିଶୁଙ୍କୁ କେନ୍ଦୁଝର ଜିଲ୍ଲା ସଦର ମହକୁମାଠାରୁ ଭୁବନେଶ୍ୱରକୁ ଏବଂ ଭୁବନେଶ୍ୱରରୁ ଅହମ୍ମଦାବାଦକୁ ଟ୍ରେନ୍ ମାଧ୍ୟମରେ ବିନାମୂଲ୍ୟରେ ଗମନାଗମନ କରିବାର ବ୍ୟବସ୍ଥା କରାଯାଇଛି । ଏହି ଶିଶୁ ହୃଦ୍‌ରୋଗୀଙ୍କ ମାଗଣା ଅସ୍ତ୍ରୋପଚାର ସତ୍ୟସାଇ ହୃଦ୍‌ରୋଗ ଚିକିତ୍ସାଳୟ ଅହମ୍ମଦାବାଦ ଠାରେ ହେବ ବୋଲି ଆର୍.ବି.ଏସ୍.କେ ମ୍ୟାନେଜର ବିଜନ କୁମାର ସାହୁ ପ୍ରକାଶ କରିଛନ୍ତି । ସୂଚନାଯୋଗ୍ୟ ଯେ ଏହା ପୂର୍ବରୁ ମଧ୍ୟ ଜିଲ୍ଲାର ବିଭିନ୍ନ ବ୍ଲକ୍‌ରୁ ୪୬ ଜଣ ଶିଶୁ ହୃଦ୍‌ରୋଗୀଙ୍କୁ ଏହି ଆର୍.ବି.ଏସ୍.କେ. ମାଧ୍ୟମରେ ସତ୍ୟସାଇ ହୃଦ୍‌ରୋଗ ଚିକିତ୍ସାଳୟକୁ ପଠାଯାଇ ସଫଳତାର ସହ ଅସ୍ତ୍ରୋପଚାର କରାଯାଇଛି । ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାଃ ସୁଜାତାରାଣୀ ମିଶ୍ର, ଡି.ପି.ଏମ୍. ଏନ୍.ଏନ୍.ଏମ୍. ନିତ୍ୟରଂଜନ ବରାଳ ଏବଂ ଆର୍.ବି.ଏସ୍.କେ ମ୍ୟାନେଜର ବିଜନ କୁମାର ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଉକ୍ତ ୦୫ ଜଣ ଶିଶୁଙ୍କୁ ବିନାମୂଲ୍ୟରେ ହୃଦରୋଗର ଅସ୍ତ୍ରୋପଚାର ନିମନ୍ତେ ଅହମ୍ମଦାବାଦକୁ ପଠାଯାଇଛି ଏବଂ ହୃଦରୋଗରେ ପିଡିତ ଥିବା ଶିଶୁମାନଙ୍କର ସହାୟତା ନିମନ୍ତେ ଆର୍.ବି.ଏସ୍.କେ. ଏମ୍.ଏଚ୍.ଟି.ର ଆୟୁଷ ଡାଃ ସୂର୍ଯ୍ୟନନ୍ଦନ ଆଚାର୍ଯ୍ୟଙ୍କୁ ସାଙ୍ଗରେ ପଠାଯାଇଛି ।

## ଅମର୍ଦା ଏୟାରଷ୍ଟ୍ରିପ କାର୍ଯ୍ୟକ୍ଷମ ପାଇଁ ରାସଗୋବିନ୍ଦପୁରରୁ ରାଜଭବନ ପଦଯାତ୍ରା

ବାଲେଶ୍ୱର (ପିଏନ୍)- ମୟୂରଭଞ୍ଜ, ବାଲେଶ୍ୱର ଓ କେନ୍ଦୁଝର ଜିଲ୍ଲାର ବିଭିନ୍ନ ଦାବିକୁ ନେଇ ଉତ୍ତର ଓଡ଼ିଶା ପର୍ଯ୍ୟଟନ ବିକାଶ ପରିଷଦ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ ଗତ ସୋମବାର ଦିନ ଅନୁଷ୍ଠିତ ହୋଇଯାଇଛି। ମୟୂରଭଞ୍ଜ ଜିଲ୍ଲାର ଜାଗ୍ରତ ପ୍ରହରୀ ଭଞ୍ଜସେନା, ବାଲେଶ୍ୱର ଜିଲ୍ଲାର ଅଗ୍ରଣୀ ଗଣସଂଗଠନ ଭଏସ ଅଫ ବାଲେଶ୍ୱର ଓ କେନ୍ଦୁଝର ଡେଭଲପମେଣ୍ଟ କାଉନସିଲ ମିଳିତ ଉଦ୍ୟମରେ ଉତ୍ତର ଓଡ଼ିଶା ପର୍ଯ୍ୟଟନ ବିକାଶ ପରିଷଦ କାର୍ଯ୍ୟ କରୁଅଛି। ଏଥିରେ ବିଶେଷ କରି ଅମର୍ଦା ଏୟାର ଷ୍ଟ୍ରିପକୁ ତୁରନ୍ତ କାର୍ଯ୍ୟକ୍ଷମ କରିବା ଦାବିରେ ରାସଗୋବିନ୍ଦପୁରରୁ ରାଜଭବନ ପର୍ଯ୍ୟନ୍ତ ଅକ୍ଟୋବର ୧୧ରୁ ଏକ ପଦଯାତ୍ରା ଆୟୋଜିତ ହେବ। ଏହାସହ ଆସନ୍ତା ବର୍ଷ ଜାନୁଆରୀ ୧୨ ତାରିଖ ଅର୍ଥାତ ଜାତୀୟ ଯୁବ ଦିବସ ଅବସରରେ ଉତ୍ତର ଓଡ଼ିଶା ପର୍ଯ୍ୟଟନ କ୍ଷେତ୍ରରେ ବିକାଶ ଓ ଆତ୍ମନିଯୁକ୍ତି ସୃଷ୍ଟି କରିବା ନିମନ୍ତେ ପର୍ଯ୍ୟଟନ ବିକାଶ ରଥ ଆରମ୍ଭ କରାଯିବ। ସେହିପରି ଚଳିତ ବର୍ଷ ନଭେମ୍ବର ୧୩ ତାରିଖରେ ପର୍ଯ୍ୟଟନ ପରିଷଦ ପକ୍ଷରୁ ବାଲେଶ୍ୱରଠାରେ ଏକ ଜିଲ୍ଲା ସମ୍ମିଳନୀ ଅନୁଷ୍ଠିତ ହେବ ବୋଲି ଏହି ସାମ୍ବାଦିକ ସମ୍ମିଳନୀରେ ସୂଚନା ପ୍ରଦାନ କରାଯାଇଛି। ଏହି ଅବସରରେ ଉତ୍ତର ଓଡ଼ିଶା ପର୍ଯ୍ୟଟନ ବିକାଶ ପରିଷଦର ସଭାପତି କଳିଙ୍ଗ କେଶରୀ ଜେନା ଯୋଗଦେଇ କହିଥିଲେ ଯେ ଉତ୍ତର ଓଡ଼ିଶାରୁ ରାଷ୍ଟ୍ରପତିଙ୍କ ସହ ଜଣେ ରାଜ୍ୟ ପର୍ଯ୍ୟଟନ ମନ୍ତ୍ରୀ, ଜଣେ କେନ୍ଦ୍ରମନ୍ତ୍ରୀ ଏବଂ ଅନ୍ୟ ଜଣେ ରାଜ୍ୟ ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ମଧ୍ୟ ରହିଛନ୍ତି। ହେଲେ ଦୁର୍ଭାଗ୍ୟର ବିଷୟ ଯେ ଉତ୍ତର ଓଡ଼ିଶାର ଆଖିଦୃଶିଆ ଉନ୍ନତି ହୋଇପାରିନି। ବିଶେଷ କରି ମୟୂରଭଞ୍ଜ, ବାଲେଶ୍ୱର ଏବଂ କେନ୍ଦୁଝର ଜିଲ୍ଲାରେ ରହିଥିବା ବିଭିନ୍ନ ପର୍ଯ୍ୟଟନସ୍ଥଳୀର ଆଖିଦୃଶିଆ ଉନ୍ନତି ହୋଇପାରି ନ ଥିବାବେଳେ ମୟୂରଭଞ୍ଜ ଜିଲ୍ଲାର ରାସଗୋବିନ୍ଦପୁରସ୍ଥିତ ଅମର୍ଦା ଏୟାର ଷ୍ଟ୍ରିପ ବର୍ତ୍ତମାନ ସୁଦ୍ଧା କାର୍ଯ୍ୟକ୍ଷମ ହୋଇପାରିନାହିଁ ବୋଲି କହିଛନ୍ତି। ଅନ୍ୟପଟେ ରାସଗୋବିନ୍ଦପୁର ଏୟାର ଷ୍ଟ୍ରିପକୁ କେନ୍ଦ୍ର ସରକାର ଉଡ଼ାଣ ଯୋଜନାରେ ସାମୀଲ କରିଛନ୍ତି। ତେବେ ଏହା କେବେ କାର୍ଯ୍ୟକ୍ଷମ ହେବ ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହାବ୍ୟତୀତ ରାଜପଥ ଓ ରେଳପଥ ସମ୍ପ୍ରସାରଣ ହେଲେ ଆଞ୍ଚଳିକ ପର୍ଯ୍ୟଟନର ବିକାଶ ହୋଇପାରିବ ବୋଲି କହିଥିଲେ। ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଉତ୍ତର ଓଡ଼ିଶା ପର୍ଯ୍ୟଟନ ବିକାଶ ପରିଷଦର ଆବାହକ ଡ. ସନ୍ଦୀପ ପଟ୍ଟନାୟକ, ପରିଷଦର କାର୍ଯ୍ୟକାରୀ ସଭାପତି ଅରିଜିତ ଘୋଷାଲ, ଉପସଭାପତି ରଣଜିତ ପଣ୍ଡା, ସଂପାଦକ ଗୌତମ ସେଠୀ, ସାଂଗଠନିକ ସଂପାଦକ ଚନ୍ଦନ ଶତପଥୀ ଏବଂ ଉପଦେଷ୍ଟା ଅସିତ୍ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ଜିଲ୍ଲା ହକି ଦଳର ଭୁବନେଶ୍ୱର ଯାତ୍ରା

ବାଲେଶ୍ୱର (ପିଏନ୍)-ଦୀର୍ଘ ୨୦ ବର୍ଷ ପରେ ବାଲେଶ୍ୱର ଜିଲ୍ଲା ହକି ଟିମ୍ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ ପାଇଁ ଗତ ରବିବାର ଭୁବନେଶ୍ୱର ଯାତ୍ରା କରିଛନ୍ତି। ୧୬ ଜଣ ଖେଳାଳୀଙ୍କ ସହିତ ଜଣେ ମ୍ୟାନେଜର ଓ ଜଣେ କୋଚ୍ ମଧ୍ୟ ଯାଇଛନ୍ତି। ଜିଲ୍ଲା ପ୍ରଶାସନ ପକ୍ଷରୁ ସେମାନଙ୍କୁ ଶୁଭେଚ୍ଛା ପ୍ରଦାନ କରାଯାଇଛି। ଜିଲ୍ଲା କ୍ରୀଡ଼ା ଛାତ୍ରାବାସରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ନୀଲୁ ମହାପାତ୍ର ଓ ଜିଲ୍ଲା କ୍ରୀଡ଼ାଧିକାରୀ ପୂର୍ଣ୍ଣଚନ୍ଦ୍ର ଜେନା ଯୋଗଦେଇ ଟିମ୍‌କୁ ଶୁଭେଚ୍ଛା ଜଣାଇଥିଲେ। ୧୭ ତାରିଖ ପର୍ଯ୍ୟନ୍ତ କଳିଙ୍ଗ ଷ୍ଟାଡ଼ିୟମ ଓ କିଟ୍ ପଡ଼ିଆରେ ରାଜ୍ୟସ୍ତରୀୟ ପ୍ରତିଯୋଗିତା ଅନୁଷ୍ଠିତ ହେବ।

# —ଶାନ୍ତିର ମାର୍ଗ—



ଆଜି ସମସ୍ତେ ଖୋଜି ବୋଲୁଛନ୍ତି ଜୀବନ, ଅଶାନ୍ତ କର୍ମମୟ ଜୀବନ, ପୃଥିବୀରେ ଶାନ୍ତି ପାଇଁ ସମସ୍ତେ ଗୋଟିଏ ଛୋଟିଆ ଆଲୋଚନା ଅହଂକାର ଓ ଅଜ୍ଞାନଭାବ ସମ୍ପନ୍ନ, ଶେଷରେ ସେମାନେ କ୍ଷତିଗ୍ରସ୍ତ ହୁଅନ୍ତି। ହେଉଛି ଶାନ୍ତି। ଶାନ୍ତି ବିନା ଜୀବନର ହେଉ ବା ଅନ୍ୟ କୌଣସି ମାର୍ଗରେ ପଡ଼ିବ। କୋଇଲିର ମଧୁର ଗାନ ଦେଖି ବତକ ଖୁସି ହୋଇନପାରେ। ଭାସିଯିବା ଶେଷରେ ନିଜର ନିଜତ୍ୱ ଶାନ୍ତି କାହିଁ ? ଅଶାନ୍ତ ମାନବ ସଂସାର ଜୀବନ ସହ ଅଶାନ୍ତ ବ୍ୟାକୁଳ। ଆସନ୍ତୁ ତା ଉପରେ ରଖିବା। ଯେଉଁମାନେ ଈର୍ଷା, ସେମାନେ ମାର୍ଗରୁ ଅପସରି ଯାଆନ୍ତି। ମଣିଷର ସର୍ବାଧିକ ପ୍ରୟୋଜନ ନିରର୍ଥକ। ପ୍ରଗାଢ଼ ଉଦ୍ୟମ ମାଧ୍ୟମରେ ହେଉ ଶାନ୍ତି ଭାବର ସୁରକ୍ଷା କରିବାକୁ କାଉକୁ ଭଲ ଲାଗି ନପାରେ ହଂସକୁ ଆମେ ଯଦି ଆମ ଖିଆଲ ଦ୍ୱାରା ହରାଇ ବସିବା।

ଧର୍ମରାଜ ରାଜା ମାନଙ୍କ ରାଜା ବ୍ୟକ୍ତି ଥିଲେ ଓ ସମସ୍ତ ସଦ୍‌ଗୁଣର ଥିଲେ। ସେ ଜଣେ ଶକ୍ତିଶାଳୀ ସାକାର ପ୍ରତିମୂର୍ତ୍ତି ଥିଲେ। ତାଙ୍କ ଚାରିଭାଇମାନେ ପ୍ରତ୍ୟେକେ ବଳଶାଳୀ ଓ ପରାକ୍ରମୀ ଥିଲେ। ଭଗବାନ ଶ୍ରୀକୃଷ୍ଣଙ୍କୁ ନିଜର ପ୍ରଭୁ ଜ୍ଞାନ କରି ଧର୍ମରାଜ ସାଧନା କରୁଥିଲେ। ପାଣ୍ଡବମାନଙ୍କ ଏତେ ସବୁ ଥାଇ ମଧ୍ୟ କ'ଣ ହେଲା? ଅଧିକରୁ ଅଧିକ ଦୁଃଖ ଯାତନା ଭୋଗିଲେ ସେମାନେ। କୌରବମାନେ ତାଙ୍କ ସ୍ତ୍ରୀଙ୍କୁ ଅବମାନନା କଲେ, ତାଙ୍କୁ ଅରଣ୍ୟକୁ ପଠାଇ ଦେଲେ। ଏ ସବୁ ସତ୍ତ୍ୱେ ଧର୍ମରାଜଙ୍କର ଶାନ୍ତଭାବ ଯୋଗୁଁ ସେମାନେ ସବୁ କିଛି ଫେରି ପାଇଲେ। ସେ ଘୋଷଣା କରି କହିଲେ, 'ଶାନ୍ତି ଆମର ଧର୍ମ, ଶାନ୍ତି ଦ୍ୱାରା ଆମେ ସବୁକିଛି ପାଇ ପାରିବା। ଦୁରାବସ୍ଥାରେ ପଡ଼ି, ଘୃଣା ଓ ଉତ୍ତେଜନା ଦ୍ୱାରା ଆମେ ଶାନ୍ତିରକ୍ଷା କରି ପାରିବା ନାହିଁ। ବରଂ ତଦ୍ୱାରା ଆମେ ସମାଜର କ୍ଷତି କରିବା।' ବାସ୍ତବିକ ଆଜିର ଦୁନିଆ ଏଇ ଶାନ୍ତି ଭାବ ଟିକକ ହରାଇ ବସିଛି। ସେଥିଲାଗି ସର୍ବତ୍ର ଗଣ୍ଡଗୋଳ। ଦୁର୍ଭିକ୍ଷ ଭୟ, ଯୁଦ୍ଧ ଭୟ, ଜାତି, ଧର୍ମ ଓ ବର୍ଣ୍ଣଗତ ସମସ୍ୟା ସର୍ବତ୍ର ପ୍ରବଳ। କ୍ଷମତା ଲୋଭ, ସ୍ୱାର୍ଥପର ଚିନ୍ତା ଓ ଆନ୍ଦୋଳନାତ୍ମକ ମାର୍ଗରେ ଛାତ୍ରମାନେ ପ୍ରବାହିତ। ଏ ସବୁର କାରଣ କ'ଣ? ଏହାର କାରଣ ଆମେ ଆମ ନିଜର ସ୍ୱଭାବ ଶାନ୍ତିକୁ ଉପଲବ୍ଧି କରିବାକୁ ଅସମର୍ଥ।

ତେବେ ସେ ଶାନ୍ତିଟି କ'ଣ? ସେ ଗୋଟିଏ ନିର୍ମଳ ପ୍ରେମ ସମ୍ଭୂତ ଗୋଟିଏ ସୁରଭିତ କଳିକା। ସତକର୍ମ ଫଳ ପ୍ରସୂତ ଏକ ସୌରଭ। ପୂର୍ବ ପୂଣ୍ୟ ଲବ୍ଧ। ଏହି ଅମୂଲ୍ୟ ଶାନ୍ତ ଭାବ ହରାଇଲେ ଆମେ ସବୁକିଛି ହରାଇବା। ପୁରାକାଳରୁ ମୁନିଋଷିମାନେ ଶାନ୍ତିର ମହତ୍ୱ ଘୋଷଣା କରି ଆସୁଛନ୍ତି। ଯେତେ ଉପହସିତ ହେଲେ ସୁଦ୍ଧା, ଅନେକ ଯୋଜନା ଭୋଗିଲେ ମଧ୍ୟ ସେମାନେ ତାଙ୍କର ଶାନ୍ତି ଅବ୍ୟାହତ ରଖି ଆସିଛନ୍ତି। ଏହି ପ୍ରାଥମିକ ବସ୍ତୁଟି ମଣିଷ ରକ୍ଷା କରିବା ଦରକାର। ବ୍ୟସ୍ତ ବିବ୍ରତ ହୋଇ ପଡ଼ିଲେ ଆମେ ନିଜର ପରିଚୟ ମଧ୍ୟ ହରାଇ ବସିବା। ମଣିଷ ହିସାବରେ ମଣିଷ ସମାଜରେ ମଣିଷର ଦାୟାଦ ହୋଇ ଜନ୍ମ ଲାଭ କରି ଯଦି ଆମେ ଯଦି ମଣିଷର ଗୁଣ ପ୍ରଦର୍ଶନ ନକରିବା ତେବେ ସେ ମାନବ ଜନ୍ମର ମୂଲ୍ୟ କ'ଣ ? ଶାନ୍ତି ଜୀବନକୁ ସୁରଭିତ କରେ। ଗୋଟିଏ କୁରାଢ଼ି ନେଇ ଚନ୍ଦନ ଗଛକୁ ହାଣିଲେ ଗଛ ସେଥିରେ ପ୍ରତିବାଦ କରେନାହିଁ ବରଂ କୁରାଢ଼ିକୁ ତାର ସୁଗନ୍ଧ ଦେଇଥାଏ। ଧୂପ କାଠିଟିରେ ଅଗ୍ନି ସଂଯୋଗ କଲେ ସେ ବିନା ବାଧାରେ ସୁଗନ୍ଧ ଖେଳାଇ ଦିଏ। ସେହି ଅନୁସାରେ ପ୍ରକୃତ ଭକ୍ତ ଓ ସାଧକ କୌଣସି ପରିସ୍ଥିତିରେ ନିଜର ଶାନ୍ତି କ୍ଷୁର୍ଣ୍ଣ ହେବାକୁ ଦେବା ଉଚିତ ନୁହେଁ, ବରଂ ଚାରିଆଡ଼େ ଆନନ୍ଦ ଖେଳାଇ ଦେବା ଉଚିତ। ଏହି ମୌଳିକ ସାଧନା ମାଧ୍ୟମରେ ଶାନ୍ତି ଲାଭ ହୋଇଥାଏ। ବାହ୍ୟଜଗତରୁ ଶାନ୍ତି ଆଦୌ ମିଳିପାରିବ ନାହିଁ। ନିକଟ ସମ୍ପର୍କୀୟଙ୍କ ପାଖରୁ ମଧ୍ୟ ନୁହେଁ, କୋଠାବାଡ଼ି ସୁନାମ ଓ ଖ୍ୟାତି କେହି ଶାନ୍ତି ଦେଇପାରିବେ ନାହିଁ। ନିଜ ଅନ୍ତରରୁ ଏହା ଉଲ୍ଲସି ଉଠେ, ବାହାରୁ କୌଣସିଠାରୁ ଏହା ଉପାର୍ଜନ କରାଯାଇପାରେ ନାହିଁ।

**ଦେବଦତ୍ତ ବିଶ୍ୱାଳ**, ରାମନିଗମେଶ୍ୱର ମନ୍ଦିର, ଚହଟା, କଟକ, ଦୂରଭାଷ: ୯୮୬୧୯୪୪୫୯୪, E-mail : deba1976biswal@gmail.com

## ବନ୍ୟା ଜଳବନ୍ଦୀ ବିପନ୍ନଙ୍କ ସମସ୍ୟା

ଭୁବନେଶ୍ୱର (ପିଏନ୍): ବିଭିନ୍ନ ନଦୀର ବନ୍ୟାଜଳ ହ୍ରାସ ହୋଇଥିଲେ ହେଁ, ବନ୍ୟା ଜଳବନ୍ଦୀ ଥିବା ବିପନ୍ନଙ୍କ ଦୁର୍ଦ୍ଦଶା ଏଯାଏଁ କମିନାହିଁ। ଗଙ୍ଗୁଆ ନଦୀରୁ ଉଦ୍‌ବୃତ୍ତ ବନ୍ୟାଜଳରେ ବନ୍ଦୀ ଥିବା ରାଜଧାନୀ ଭୁବନେଶ୍ୱରର ଟିକରପଡ଼ା ପଞ୍ଚାୟତର କଲ୍ୟାଣପୁର ଶାସନ ହରିଜନ ସାହିର ବାସିନ୍ଦା ଏବେ ନାହିଁ ନଥିବା ସମସ୍ୟାରେ ରହିଛନ୍ତି। ବନ୍ୟାଜଳରେ ମାଟିଘର ଏଠାରେ ଭୁଷୁଡ଼ି ପଡ଼ିଥିବାବେଳେ ଗାଁ ଦାଣ୍ଡ ପାର୍ଶ୍ୱରେ ବନ୍ୟାଜଳ ଜମି ରହିବା ଯୋଗୁଁ ସାହିର ପ୍ରାୟ ୫୦ ପରିବାର ମଧ୍ୟରୁ ଅନେକ ନିକଟରେ ଥିବା ଅଙ୍ଗନବାଡ଼ିରେ ରହିଛନ୍ତି। ମୁଖ୍ୟ ଦୟାନଦୀ ବନ୍ଧ ରାସ୍ତାରୁ ଏହି ସାହିକୁ ଗମନାଗମନ ଏକପ୍ରକାର ଠପ୍ ହୋଇଯାଇଛି। ଦୁର୍ଗମ ବନ୍ୟାପ୍ଲାବିତ ଅଂଚଳ ଅଧିବାସୀଙ୍କ ଭଳି ଏଠାକାର ବାସିନ୍ଦାଙ୍କ ଚଳଣି ସ୍ୱାଭାବିକ ହୋଇନାହିଁ। ଏହି ପରିପ୍ରେକ୍ଷୀରେ ସ୍ଥାନୀୟ ଅଂଚଳର ଆଞ୍ଚଳିକ ବିକାଶ ପରିଷଦର ଯୁବକମାନେ ଏକ ମହାନ କାର୍ଯ୍ୟ କରିଛନ୍ତି। ନିଜ ହାତରୁ ଚାନ୍ଦା ଆଦାୟ କରି ଚୁଡ଼ା, ଚିନି ବିସ୍କୁଟ, ପିଇବାପାଣି, ପିଲାମାନଙ୍କ ପାଇଁ ଶୁଖିଲା ଖାଦ୍ୟ ଧରି ପ୍ରାୟ ୪୦୦ ମିଟର ବନ୍ୟାଜଳରେ ଯାଇ ସାହିରେ ପହଞ୍ଚିଥିଲେ। ସେଠାରେ ଲୋକମାନଙ୍କର ସ୍ୱାସ୍ଥ୍ୟ ଓ ଅନ୍ୟାନ୍ୟ ସମସ୍ୟା ପଚାରି ବୁଝିବା ସହ ଏହି ସମସ୍ତ ଖାଦ୍ୟକୁ ବଣ୍ଟନ କରିଥିଲେ। ବୃନ୍ଦାବନ ସାହୁଙ୍କ ନେତୃତ୍ୱରେ ପ୍ରଶାନ୍ତ ମିଶ୍ର, ଲକ୍ଷ୍ମୀଧର ପ୍ରଧାନ, ଲଳିତ ମୋହନ ବେହେରା, ଲିଙ୍ଗରାଜ ଜେନା, ଅରୁଣ ପୁରୋହିତ, ବାବୁଲି ସ୍ୱାଇଁ, ତପନ ସାମନ୍ତରାୟ ପ୍ରମୁଖ ଏହି କାର୍ଯ୍ୟରେ ସହଯୋଗ କରିଥିଲେ। ଯୁବକମାନଙ୍କର ଏଭଳି ସହଯୋଗକୁ ଅଂଚଳବାସୀ ପ୍ରଶଂସା କରିଥିଲେ।

## ବନ୍ୟାରେ ଉଜୁଡ଼ି ଗଲା ଚାଷୀର ବର୍ଷକର ଫସଲ



ଫୁଲନଖରା (ପିଏନ୍)-ସିଡୁଆ ନଦୀରେ ବନ୍ୟା ଆସିବା ଦ୍ୱାରା ଚାଷୀମାନଙ୍କର ହଜାର ହଜାର ହେକ୍ଟର ପରିବା ଫସଲ ପାଣିରେ ବୁଡ଼ିକି ଅଛି । ସଦର ଥାନା ଅନ୍ତର୍ଗତ ସିଡୁଆ ନଦୀ ପଠାରେ ଥିବା ନିଜ ଜମିରେ ସଇଁଧା, ଖଣ୍ଡେଏତା, ନାଗବାଲି, ଧାନହରାପଡ଼ା, ଶଙ୍ଖତ୍ରାସ, ଉଷୁମା, କୋରକରା ଓ ଖଲର୍ଦ୍ଧାର ଚାଷୀମାନେ ପୋଟଳ, ଜହ୍ନି, ବାଇଗଣ, କଖାରୁ, ବରୁଗୁଡ଼ି, କଲରା, ଭେଣ୍ଡି, ସାରୁ ଚାଷ କରିଥିବା ହଜାର ହଜାର ହେକ୍ଟର ଜମିରେ ପାଣି ମାଡ଼ିଯିବାରୁ ଫସଲ ସଂପୂର୍ଣ୍ଣ ଭାବରେ ନଷ୍ଟ ହୋଇଯାଇଛି । ଏହି ଚାଷପ୍ରଧାନ ଗ୍ରାମଗୁଡ଼ିକର ଅଧିକାଂଶ ଚାଷୀ ଏହି ଜମିରେ ଚାଷ କରି ନିଜର ପିଲା ଛୁଆ ପ୍ରତିପୋଷଣ କରିବା ସହ ନିଜର ଆର୍ଥିକ ମାନଦଣ୍ଡକୁ ସୁଦୃଢ଼ କରିଥାନ୍ତି । ଫସଲ ଉପରେ ପାଣି ମାଡ଼ି ଯିବାରୁ ଚାଷୀ ମୁଣ୍ଡରେ ହାତ ଦେଇ ବସିଛି । ବନ୍ୟା ଛାଡ଼ି ଗଲାପରେ ବିଭାଗୀୟ ଉଚ୍ଚକର୍ତ୍ତୃପକ୍ଷ ଫସଲ କ୍ଷୟକ୍ଷତିକୁ ଆକଳନ କରି ଚାଷୀମାନଙ୍କୁ ସହାୟତା ପ୍ରଦାନ କରିବା ପାଇଁ ସେମାନେ ଦାବି ଜଣାଇଛନ୍ତି ।

## ସଦ୍‌ଭାବନା ଦିବସ ପାଳନ ଅବସରରେ ଶପଥ ପାଠ

ବାଲେଶ୍ୱର (ପିଏନ୍)-ସଦ୍‌ଭାବନା ଦିବସ ପାଳନ ଅବସରରେ ପୂର୍ବାହ୍ନ ୧୦ଘଟିକା ସମୟରେ ବାଲେଶ୍ୱର ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ଶପଥ ପାଠ କାର୍ଯ୍ୟକ୍ରମ ସ୍ଥାନୀୟ ସଦ୍‌ଭାବନା ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ଗୃହ ବିଭାଗ ଓ କେନ୍ଦ୍ର ଯୁବ ବ୍ୟାପାର ଏବଂ କ୍ରୀଡା ମନ୍ତ୍ରାଳୟର ନିର୍ଦ୍ଦେଶକ୍ରମେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଶ୍ରୀ ଦତାତ୍ରୟ ଭାଉସାହେବ ଶିନ୍ଦେ ଯୋଗଦେଇ ଉପସ୍ଥିତ ଅଧିକାରୀ ଏବଂ କର୍ମଚାରୀଙ୍କୁ ଶପଥ ପାଠ କରାଇଥିଲେ । ଜାତି, ସମ୍ପ୍ରଦାୟ, ଧର୍ମ, କ୍ଷେତ୍ର ଓ ଭାଷାର ଭେଦଭାବ ବିନା ସମସ୍ତ ଭାରତୀୟଙ୍କ ଭାବନାତ୍ମକ ଏକତା ଏବଂ ସଦ୍‌ଭାବନା ନିମନ୍ତେ କାର୍ଯ୍ୟ କରିବା ଏବଂ ହିଂସାର ଆଶ୍ରୟ ନ ନେଇ ସମସ୍ତପ୍ରକାର ମତଭେଦକୁ କଥାବାର୍ତ୍ତା, ଆଲୋଚନା ଓ ସାମ୍ବିଧାନିକ ବିଧି ମୁତାବକ ସମାଧାନ କରିବାକୁ ସମସ୍ତେ ଶପଥ ଗ୍ରହଣ କରିଥିଲେ । ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ଶ୍ରୀମତୀ କୁନ୍ତଳା କୁମାରୀ ମଲ୍ଲିକ, ସହକାରୀ ଜିଲ୍ଲାପାଳ ସ୍ୱାଗତିକା ଦାସ, ଜିଲ୍ଲା ମଙ୍ଗଳ ଅଧିକାରୀ ଶ୍ରୀ ବିଶ୍ୱଦର୍ଶୀ ସାହୁ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶ୍ରୀ ଭବାନୀ ଶଙ୍କର ଭୂୟାଁଙ୍କ ସମେତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ କାର୍ଯ୍ୟରତ ବରିଷ୍ଠ ଅଧିକାରୀ, କର୍ମଚାରୀ, ବିଭିନ୍ନ ବ୍ଲକରେ କାର୍ଯ୍ୟରତ ସିଡିପିଓ, ଶିକ୍ଷକ-ଶିକ୍ଷୟିତ୍ରୀ, ଅଙ୍ଗନୱାଡି କର୍ମୀ ପ୍ରମୁଖ ଏହି ଶପଥପାଠ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ।

## କୁଖ୍ୟାତ କାର ଠକ ଗିରଫ

ଫୁଲନଖରା (ପିଏନ୍)-ବିଭିନ୍ନ ଜିଲାରୁ କାର ଲୁଟ କରିବା ଅଭିଯୋଗରେ ସଦର ଥାନା ପୋଲିସ ଜଣେ ପୁରୁଣା କାର ଲୁଟେରାକୁ ଗିରଫ କରିଛି। ତା' ନିକଟରୁ ଏକ ମାରୁତି ବଲେନୋ କାର ଜବତ ହୋଇଛି। ପୁଲିସ ସୂତ୍ରରୁ ପ୍ରକାଶ ଯେ, ସଦର ଥାନା ସାଇଁଶୋ ମୌଜାର ରଂଜନକୁମାର ବେହେରା (୨୯) କାର ମାଲିକ ମାନଙ୍କ ନିକଟକୁ ଯାଇ ସେମାନଙ୍କ କାର ବିକ୍ରି କରିଦେବାକୁ କହି କୌଶଳକ୍ରମେ ଗାଡ଼ି ନେଇ ଯାଉଥିଲା। ପ୍ରଥମେ ଅଳ୍ପ କିଛି ଟଙ୍କା ଦେଲାପରେ ଆଉ ଧରାଛୁଆଁ ଦେଉ ନ ଥିଲା। ଏଭଳି କାରବାର ସେ ଆଠଗଡ଼, ଖୁଣ୍ଟୁଣି, ଲକ୍ଷ୍ମୀସାଗର, ଚାଉଳିଆଗଂଜ, ବାଦାମବାଡ଼ି ସମେତ ସଦର ଥାନା ଅଞ୍ଚଳରେ ଦୀର୍ଘଦିନ ଧରି ଚଳାଇଆସିଛି। ଏହି ଘଟଣାରେ ସେ ପୂର୍ବରୁ ଜେଲ ମଧ୍ୟ ଯାଇଥିବା ପୁଲିସ ଜାଣିବାକୁ ପାଇଛି। କଟକର ଲିଲି ନାୟକ ନାମକ ଜଣେ ମହିଳାଙ୍କ ବଲେନୋ କାରକୁ ବିକିଦେବ କହି ତାଙ୍କ ସହିତ ଚୁକ୍ତି କରିଥିଲା। ମାତ୍ର ଏ ବାବଦ ଟଙ୍କା ପରିଶୋଧ ନକରି ଲୁଚିବାରୁ ଲିଲି ସଦର ଥାନାରେ ଏତଲା ଦେଇଥିଲେ। ଏହାକୁ ଭିତ୍ତିକରି ପୁଲିସ ତଦନ୍ତ କରିବା ସହିତ ଅଭିଯୁକ୍ତ ରଂଜନକୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଆଇଆଇସି ରଶ୍ମିରଂଜନ ମହାପାତ୍ର କହିଛନ୍ତି।

## ବିଜେବି କଲେଜରେ ବୈଭବୀ ଦାଶଙ୍କୁ ଉଦୟନାଥ ସ୍ମାରକୀ ସମ୍ମାନ

ଭୁବନେଶ୍ୱର (ପିଏନ୍): ଯୁକ୍ତ ୩ ବିଜେବି ମହାବିଦ୍ୟାଳୟର ଆନ୍ଥ୍ରୋପଲୋଜି ବିଭାଗରେ ସର୍ବଶ୍ରେଷ୍ଠ ନମ୍ବର ରଖିଥିବା ବୈଭବୀ ଦାଶଙ୍କୁ ଉଦୟନାଥ ସ୍ମାରକୀ ସମ୍ମାନ ପ୍ରଦାନ କରାଯାଇଛି। ଏଥିସହ ୪ ହଜାର ଟଙ୍କା ପୁରସ୍କାର ରାଶି ପ୍ରଦାନ କରାଯାଇଛି। ଏହି ସମ୍ମାନ ପ୍ରଦାନ ବେଳେ କଲେଜର ଅଧ୍ୟକ୍ଷ ଡ଼ ନିରଂଜନ ମିଶ୍ର, ଆନ୍ଥ୍ରୋପଲୋଜି ବିଭାଗର ମୁଖ୍ୟ ଇତିଶ୍ରୀ ପାଢ଼ୀ ଓ ସୋସଲଜି ବିଭାଗ ମୁଖ୍ୟ ବିଭାବରୀ ବଳ ପ୍ରମୁଖ ଉପସ୍ଥିତ ଥିଲେ।

## ବିଦ୍ୟୁତ ଗ୍ରାହକ ସେବା କେନ୍ଦ୍ର ଉଦ୍‌ଘାଟିତ



ଫୁଲନଖରା (ପିଏନ୍)-କଟକ ବିଦ୍ୟୁତ ମଣ୍ଡଳ ଗୋପାଳପୁର ଉପଖଣ୍ଡ ଅଧିନ ଅଡ଼ଶପୁର ପ୍ରଭାଗଦ୍ୱାରା ଫତେଗଡ଼ଠାରେ ଏକ ଗ୍ରାହକ ସେବା କେନ୍ଦ୍ର କାର୍ଯ୍ୟକ୍ଷମ ହୋଇଛି। ଆଜାଦି କା ଅମୃତ ମହୋତ୍ସବ ଅବସରରେ ଉଦଘାଟିତ ଏହି ଉତ୍ସବରେ ଟାଟା ପାୱାର କଟକ ମଣ୍ଡଳ ଅଧିକ୍ଷଣ ଯନ୍ତ୍ରୀ ଇଂ. ଦେବାଶିଷ ପଟ୍ଟନାୟକ, କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଇଂ. ମନୋଜକୁମାର ସାହୁ, ଗୋପାଳପୁର ଏସଡ଼ିଓ ଇଂ. ଛବିଳ ବେହେରା ଓ ରଂଜନକୁମାର ଜେନା ଅତିଥିରୂପେ ଯୋଗ ଦେଇଥିଲେ। ଏହି କେନ୍ଦ୍ରଦ୍ୱାରା ବିଦ୍ୟୁତ ଉପଭୋକ୍ତାମାନଙ୍କୁ ତ୍ୱରିତ ସେବା ଯୋଗାଇ ଦିଆଯିବ ବୋଲି ଅତିଥିମାନେ ଆଶା ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ହିମାଂଶୁ ଶର୍ମା, ଚିତ୍ତରଂଜନ ବିଶ୍ୱାଳ, ସରପଞ୍ଚ ସୁରେଶ ଭୋଇ, ବିଶ୍ୱରଂଜନ ସାହୁ, ଜ୍ଞାନରଂଜନ ମହାନ୍ତି, ପ୍ରବୋଧ ରଣା ପ୍ରମୁଖ ଉପସ୍ଥିତ ଥିଲେ। ରଶ୍ମିରଂଜନ ମହାନ୍ତି, ରମେଶ ଜେନା, ଚକ୍ରଧର ମହାରଣା, ବସନ୍ତ ପ୍ରତାପ, ମନ୍ମଥ ଘୋଷ, ରବିନ୍ଦ୍ର ସାହୁ ଓ ତ୍ରିନାଥ ଜେନା ପ୍ରମୁଖ ଲାଇନମ୍ୟାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।


# DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs.8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road, Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS/ASTROLOGERS/VASTU EXPERTS ?
Contact
Near Mukteswar Temple, Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Pragyan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com





Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com


# ପାରାଦୀପ ବନ୍ଦର ପକ୍ଷରୁ ଜାତୀୟ ଯନ୍ତ୍ରୀ ଦିବସ ପାଳିତ




ପାରାଦୀପ,(ପି.ଏନ): ପାରାଦୀପ ବନ୍ଦର ପ୍ରାଧିକରଣ (ପିପିଏ) ପକ୍ଷରୁ ଗୁରୁବାର ଦିନ ଜାତୀୟ ଯନ୍ତ୍ରୀ ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ବାଣ୍ଡରର ଇଞ୍ଜିନିୟରିଙ୍ଗ ଓ ଇ ଆଣ୍ଡ ଏମ ବିଭାଗ ପକ୍ଷରୁ ସକାଳେ ସମୁଦ୍ର ବେଳାଭୂମିରେ ସ୍ୱଚ୍ଛ ଉପକୂଳ ଓ ସମୁଦ୍ର ସୁରକ୍ଷା ଜନିତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା କ୍ଷ ସନ୍ଧ୍ୟାରେ ଜୟଦେବ ସଦନ ଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବନ୍ଦର ଅଧ୍ୟକ୍ଷ ପି.ଏଲ.ହରନାଦ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ଦିବସର ମହତ୍ୱ ସମ୍ପର୍କରେ ନିଜର ବକ୍ତବ୍ୟ ରଖିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବନ୍ଦର ଉପାଧ୍ୟକ୍ଷ ଏ.କେ.ବୋଷ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ଅବସରରେ ବନ୍ଦର ଅବସରପ୍ରାପ୍ତ ପୂର୍ବତନ ମୁଖ୍ୟ ଯନ୍ତ୍ରୀ ୟୁ.ସି.ଜେନା ଙ୍କୁ ବିଭାଗର ଆଜୀବନ କୃତିତ୍ୱ ପାଇଁ ମୁଖ୍ୟ ଅତିଥି ଶ୍ରୀ ହରନାଦ ସମ୍ମାନିତ କରିଥିଲେ କ୍ଷ ସେହିପରି ଚେନାଇ ଆଇଆଇଟି ର ଡ଼ଃ. କେ.ମୁରଲୀ ନିଜର ଆଜୀବନ ସାଧନା ପାଇଁ ସମ୍ମାନିତ ହୋଇଥିଲେ । ଏହି କାର୍ଯ୍ୟକ୍ରମକୁ ବନ୍ଦର ଉପ ମୁଖ୍ୟ ଯନ୍ତ୍ରୀ ଏଚ୍.ଏସ.ରାଉତ ପରିଚ୍ାଳନା କରିଥିବାବେଳେ ମୁଖ୍ୟ ଯନ୍ତ୍ରୀ ମଳୟ ଦାଶଗୁପ୍ତା ସ୍ୱାଗତ ଭାଷଣ ଦେଇଥିଲେ କ୍ଷ ଶେଷରେ ସିଏମଇ କ୍ୟାପଟେନ ଏ.ସି.ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ଅହିଂସା ରଥକୁ ଜୟପୁରରେ ସ୍ୱାଗତ ସମ୍ବର୍ଦ୍ଧନା

ଜୟପୁର , (ପି.ଏନ): ସ୍ୱାଧୀନତାର ଅମୃତ ମହୋତ୍ସବ ପାଳନ ଅବସରରେ ମହାତ୍ମା ଗାନ୍ଧୀଙ୍କ ଅହିଂସା ନୀତି ଏବଂ ଜନସାଧାରଣଙ୍କ ଭିତରେ ଦେଶ ପ୍ରେମର ଜାଗରଣ ସୃଷ୍ଟି କରିବା ପାଇ ଅହିଂସା ରଥ ଆଜି ଜୟପୁର ସହରରେ ପହଞ୍ଚିଛି । ଏହି ରଥକୁ ଜୟପୁର ପୌରପରିଷଦ ତରଫରୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି । ଜୟପୁର ପାଓାର ହାଉସ ଛକ ଠାରେ ପହଞ୍ଚିବା ପରେ ବହୁ ସଖ୍ୟାରେ ଛାତ୍ର ଛାତ୍ରୀ, ସ୍ୱେଚ୍ଛାସେବି ଅନୁଷ୍ଠାନ, ଏନସିସି କେଡେଟ ଉପସ୍ଥିତ ରହି ବିଶାଳ ଶୋଭାଯାତ୍ରା ରେ ରଥ କୁ ସହର ମଧ୍ୟକୁ ଆଣାଯାଇଥିଲା । ଏହି ଶୋଭାଯାତ୍ରା ରେ ଶହ ଶହ ଲୋକ ସମାଳ ହୋଇ ସ୍ୱାଗତ କରିଥିଲେ । ପାତ୍ରପୁଟ ଠାରେ ଜୟପୁର ବ୍ଲକ ତରଫରୁ ସ୍ୱାଗତ କରାଯାଇଥିବା ବେଳେ ପୌରାଞ୍ଚଳ ତରଫରୁ ପାଓାର

## ମାଲକାନଗିରି ଜିଲ୍ଲାରେ ଡେ଼ଙ୍ଗୁ ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ପାଉଛି

ମାଲକାନଗିରି, (ପ.ଏନ): ମାଲକାନଗିରି ଜିଲ୍ଲାର ପିଛା ଛାଡୁନି ରୋଗ ଆତଙ୍କ । ଗୋଟିଏ ପଟେ ଅଜଣା ରୋଗ ଆତଙ୍କରେ ଲୋକେ କଲବଲ ହେଉଥିବା ବେଳେ ଅନ୍ୟପଟେ ଡରାଉଛି ଡେଙ୍ଗୁ । କ୍ରମଶ ଡେଙ୍ଗୁ ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ି ଚାଲିଥିବା ବେଳେ ଏହାକୁ ନିୟନ୍ତ୍ରଣକୁ ଆଣିବା ପ୍ରଶାସନ ଆଗରେ ଚ୍ୟାଲେଞ୍ଜ ଭାବେ ଛିଡ଼ା ହୋଇଛି । ମାସେରୁ ଅଧିକ ସମୟ ହେବ ମାଲକାନଗିରି ଜିଲ୍ଲାରେ ଚିହ୍ନଟ ହେଉଛନ୍ତି ଡେ଼ଙ୍ଗୁ ରୋଗୀ । ଗତ ମାସରେ ୩୪ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଥିବା ବେଳେ ଚଳିତ ମାସରେ ଏପର୍ଯ୍ୟନ୍ତ ୬୨ଜଣ ରୋଗୀ ଚିହ୍ନଟ ହୋଇ ସାରିଲେଣି ।ଏହା ଧୀରେ ଧୀରେ ନିୟନ୍ତ୍ରଣକୁ ଆସିବା ପରିବର୍ତ୍ତେ ପ୍ରତି ମାସରେ ଏହି ରୋଗୀ ସଂଖ୍ୟା ବଢ଼ିବାରେ ଲାଗିଛି । ଜିଲ୍ଲାର ଚିତ୍ରକୋଣ୍ଡା, କାଳିମେଳା, ମାଲକାନଗିରି ଓ ବାଲିମେଳା ଏନଏସିରୁ ଅଧିକ ରୋଗୀ ଚିହ୍ନଟ ହେଉଛନ୍ତି । ଏହାବାଦ ଅନ୍ୟ ସବୁ ବ୍ଲକ ଓ ସଦର ମହକୁମାରେ ବି ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି । ଡେଙ୍ଗୁ ଆକ୍ରାନ୍ତଙ୍କ ଚିକିତ୍ସା ପାଇଁ ମାଲକାନଗିରି ସଦର ମହକୁମାରେ ସ୍ୱତନ୍ତ୍ର ଆଇସୋଲେସନ ଓ୍ୱାର୍ଡ କରାଯାଇଛି । କିନ୍ତୁ, ଡେ଼ଙ୍ଗୁ ଆକ୍ରାନ୍ତଙ୍କ ସଂଖ୍ୟା ବଢୁଥିବାରୁ ଅନେକ ରୋଗୀ ତଳେ ଶୋଇ ଚିକିତ୍ସିତ ହେଉଛନ୍ତି । ଗୁରୁତରମାନଙ୍କୁ ତୁରନ୍ତ କୋରାପୁଟ ସ୍ଥାନାନ୍ତର କରାଯାଉଛି । ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ମାଲକାନଗିରିରେ ଡେଙ୍ଗୁ ବ୍ୟାପୁଥିବା ସ୍ୱୀକାର କରିବା ସହ ଭୟଭୀତ ନେହେବାକୁ ପରାମର୍ଶ ଦେଇଛନ୍ତି । ଏଥିସହ ସ୍ଥିତି ନିୟନ୍ତ୍ରଣରେ ଥିବା କହିଛନ୍ତି । ତେବେ ଆକ୍ରାନ୍ତଙ୍କ ସଂଖ୍ୟା ଉପରମୁହାଁ ଥିବାବେଳେ ସ୍ଥିତି କିପରି ନିୟନ୍ତ୍ରଣକୁ ଆସିଲା ତାକୁ ନେଇ ଉଠିଛି ପ୍ରଶ୍ନ ।ସୂଚନାଯୋଗ୍ୟ, ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ ହଳଦୀକୁଣ୍ଡ ଅଂଚଳରେ ଅଜଣା ରୋଗରେ ୮ ଜଣଙ୍କ ଜୀବନ ଗଲାଣି । ଏଣେ ଡେଙ୍ଗୁ ଦାଉ ସାଧୁଥିବାରୁ ଆତଙ୍କିତ ଅବସ୍ଥାରେ ଅଛନ୍ତି ଜିଲ୍ଲାବାସୀ । ଏନେଇ ମାଲକାନଗିରି ସିଡିଏମଓ ପ୍ରଫୁଲ୍ଲ କୁମାର ନନ୍ଦ କହିଛନ୍ତି, ଜିଲ୍ଲାରେ ଏଯାଏ ସମୁଦାୟ ୨୦୫ କେସ୍ ଚିହ୍ନଟ ହୋଇଛି । ସେଥିମଧ୍ୟରୁ ୩୦ଟି ଆକ୍ଟିଭ ଅଛି । ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ୨୭ ଜଣଙ୍କୁ ଆଡମିଟ କରାଯାଇଛି । ସେମାନଙ୍କ ମଧ୍ୟରୁ ୧୩ ଜଣ ପଜିଟିଭ ଅଛନ୍ତି । ଘର ଘର ବୁଲି ରକ୍ତ ନମୁନା ସଂଗ୍ରହ କରାଯାଇ ପରୀକ୍ଷା କରାଯାଉଛି । ଡେ଼ଙ୍ଗୁ ମୁଖ୍ୟତଃ ଜିଲ୍ଲାର ସହରାଂଚଳରେ ବ୍ୟାପୁଥିବାରୁ ମ୍ୟୁନିସିପାଲିଟି ଓ ଏନଏସି ପକ୍ଷରୁ ନାଳ, ନର୍ଦ୍ଦମା ସଫା କରାଯାଉଛି ।

## ଦୁର୍ନୀତିର ତଦନ୍ତ ଓ ମନ୍ଦିରର ସୁରକ୍ଷା ଦାବିରେ ମହାତ୍ମା ଗାନ୍ଧିଙ୍କ ପ୍ରତିମୂର୍ତ୍ତି ତଳେ ଧାରଣା

ବଲାଙ୍ଗିର, (ପି.ଏନ): ଦେବୋତର ବିଭାଗ ଅଧିନରେ ଥିବା ତିନୋଟି ମନ୍ଦିରରେ ଦୁର୍ନୀତି ଅଭିଯୋଗ ଆଣିବା ସହ ଦୁର୍ନୀତିର ତଦନ୍ତ ଓ ମନ୍ଦିରର ସୁରକ୍ଷା ଦାବିରେ ୩ ଜଣ ସୂଚନା ଅଧିକାର କର୍ମୀ, ବରିଷ୍ଠ ନାଗରିକ ମଂଚ ଓ ବଲାଙ୍ଗିର ନାଗରିକ କମିଟିର କାର୍ଯ୍ୟକର୍ତାମାନେ ଧାରଣା ଦେଇଛନ୍ତି । ବଲାଙ୍ଗିର ଗାନ୍ଧିନଗରପଡା ସ୍ଥିତ ମହାତ୍ମା ଗାନ୍ଧିଙ୍କ ପ୍ରତିମୂର୍ତ୍ତି ତଳେ ଆଜି ସକାଳ ଠାରୁ ଏମାନେ ଧାରଣା ଦେଇଛନ୍ତି । ଦୁର୍ନୀତି ଅଭିଯୋଗ ଆସିଥିବା ଏହି ତିନି ମନ୍ଦିର ହେଲା ସମଲେଶ୍ୱରୀ, ପାଟଣେଶ୍ୱରୀ ଓ ଗୋପାଳଜିଉ ମନ୍ଦିର । ଏହି ତିନି ମନ୍ଦିରର ଉନ୍ନୟନମୂଳକ କାର୍ଯ୍ୟ ପାଇଁ ଆସିଥିବା ଅର୍ଥ ହେରଫେର୍ ହୋଇଥିବା ନେଇ ଅଭିଯୋଗ ହୋଇଛି । ଧାରଣାରେ ବସିଥିବା ତିନି ସୂଚନା ଅଧିକାର କର୍ମୀ ହେଲେ ବିକାଶ ସା, ଶମ୍ଭୁପ୍ରସାଦ ଶତପଥୀ ଓ ପ୍ରଶାନ୍ତ ମହାକୁଡ଼ । ଏହା ବ୍ୟତୀତ ବଲାଙ୍ଗିର ବରିଷ୍ଠ ନାଗରିକ ମଂଚର ସଭାପତି ପ୍ରଭାକର ମିଶ୍ର, ଉପସଭାପତି ବିରଂଚି ହୋତା, ସାଧାରଣ ସମ୍ପାଦକ ମନୋରଞ୍ଜନ ମିଶ୍ର ଏବଂ ବଲାଙ୍ଗିର ନାଗରିକ କମିଟିର ବରିଷ୍ଠ ସଦସ୍ୟ ମନୋରଞ୍ଜନ ପୁରୋହିତ ଧାରଣାରେ ସାମିଲ୍ ଅଛନ୍ତି ।

## ୧୯ରେ ଖପ୍ରାଖୋଲ ବ୍ଲକ ଅନ୍ତର୍ଗତ ବେନ୍ଦେର ଗ୍ରାମରେପଞ୍ଚାୟତ ଲୋକ ସେବା ଶିବିର

ବଲାଙ୍ଗିର : ସେପ୍ଟେମ୍ବର ୧୯ ତାରିଖ ପୂର୍ବାହ୍ନ ୮ ଘଟିକା ଠାରୁ ଖପ୍ରାଖୋଲ ବ୍ଲକ ଅନ୍ତର୍ଗତ ବେନ୍ଦେର ଗ୍ରାମ ଠାରେ ଜିଲ୍ଲା ପ୍ରଶାସନ ପକ୍ଷରୁ ପଞ୍ଚାୟତ ଲୋକ ସେବା ଶିବିର ଅନୁଷ୍ଠିତ ହେବ । ଏହି ପଞ୍ଚାୟତ ଲୋକ ସେବା ଶିବିର ରେ ଜିଲ୍ଲା ର ବିଭିନ୍ନ ବିଭାଗ ପକ୍ଷରୁ ସରକାରଙ୍କ ତରଫରୁ କାର୍ଯ୍ୟକାରୀ ହେଉଥିବା ଜନହିତକର ଓ ଲୋକାଭିମୁଖୀ ଯୋଜନା ଗୁଡିକ ସମ୍ପର୍କରେ ପଞ୍ଚାୟତ ଅନ୍ତର୍ଗତ ଗ୍ରାମର ଗ୍ରାମବାସୀ ଙ୍କୁ ସଚେତନ କରିବାପାଇଁ ବିଭାଗୀୟ ଷ୍ଟଲ ସହ ଯୋଜନା ସମ୍ପର୍କିତ ସୂଚନା ସମ୍ବଳିତ ବ୍ୟାନର ଲଗାଯିବା । ଏତଦବ୍ୟତୀତ ପଞ୍ଚାୟତ ଲୋକ ସେବା ଶିବିରରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୋଭିଡ ଟୀକାକରଣ , ସ୍ୱାସ୍ଥ୍ୟ ପରୀକ୍ଷା , ମାଗଣା ଔଷଧ ବଣ୍ଟନ କରାଯିବ । ସେହିପରି ପ୍ରାଣୀ ସମ୍ପଦ ବିଭାଗ ପକ୍ଷରୁ ପ୍ରାଣୀ ମାନଙ୍କୁ ଟୀକାକରଣ ଓ ଔଷଧ ବଣ୍ଟନ କରାଯିବ । ଶ୍ରମ ବିଭାଗ ପକ୍ଷରୁ ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନା ଜରିଆରେ ଶ୍ରମ କାର୍ଡ ନିମନ୍ତେ ପଞ୍ଜୀକରଣ ତଥା ନବୀକରଣ , ଶ୍ରମ ବିଭାଗ ର ବିଭିନ୍ନ ଯୋଜନା ସମ୍ପର୍କ ରେ ସଚେତନତା , କୃଷି ଓ କୃଷକ ସଶକ୍ତିକରଣ ବିଭାଗ ପକ୍ଷରୁ ମୃତ୍ତିକା ପରୀକ୍ଷା ,ଲିଫଲେଟ ଓ ବ୍ୟାନର ଜରିଆରେ ଚାଷୀ ମାନଙ୍କୁ ବିଭିନ୍ନ ଯୋଜନା ଓ ବୈଷୟିକ ଜ୍ଞାନ କୌଶଳ ସମ୍ପର୍କରେ ସଚେତନତା , ଉଦ୍ୟାନ କୃଷି ବିଭାଗ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ଯୋଜନା ବାବଦରେ ସଚେତନତା ସହ ଫଳ ଓ ପନିପରିବା ଚାଷ କରିବା ନିମନ୍ତେ ଚାଷୀ ମାନଙ୍କୁ ପରାମର୍ଶ , ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ପକ୍ଷରୁ ନିଯୋଜନ କାର୍ଡ ନିମନ୍ତେ ପଞ୍ଜୀକରଣ , ଦକ୍ଷତା ବିକାଶ ତଥା ନିଯୁକ୍ତି ସୁଯୋଗ ନିମନ୍ତେ ପରାମର୍ଶ , ସାମାଜିକ ସୁରକ୍ଷା ବିଭାଗ ଜରିଆରେ ବିଭିନ୍ନ ଭତ୍ତା ,ଭିନ୍ନକ୍ଷମ ଙ୍କୁ ଡି ଆର ଆଇ ଋଣ, ଭିନ୍ନକ୍ଷମ ସ୍ୱୟଂ ସହାୟକ ଗୋଷ୍ଠୀ ଙ୍କୁ ପ୍ରୋତ୍ସାହନ, ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ସୁକନ୍ୟା ସମୃଦ୍ଧି ଯୋଜନା , ଗର୍ଭବତୀ ମହିଳା ଙ୍କ ନିମନ୍ତେ ପୌଷ୍ଟିକ ଆହାର ପ୍ରଦର୍ଶନ , ପୁଷ୍ଟିହୀନ ଶିଶୁ ଚିହ୍ନଟ , ପଞ୍ଚାୟତ ରାଜ ଓ ପାନୀୟ ଜଳ ବିଭାଗ ତରଫରୁ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ନିମନ୍ତେ ଜବ କାର୍ଡ ପଞ୍ଜୀକରଣ , ମୋବାଇଲ ଆଧାର ପଞ୍ଜୀକରଣ , ମିଶନ ଶକ୍ତି ଜରିଆରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଙ୍କୁ ବ୍ୟାଙ୍କ ସଂଯୋଗୀକରଣ , ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପକ୍ଷରୁ ଯୋଗ୍ୟ ହିତାଧିକାରୀ ଙ୍କୁ ରାଶନ କାର୍ଡ ମଞ୍ଜୁରୀ , ବୟନ ଶିଳ୍ପ ଓ ହସ୍ତତନ୍ତ ବିଭାଗ ଜରିଆରେ ବୁଣାକାର ମାନଙ୍କୁ ଉପକରଣ ବଣ୍ଟନ ଓ ସଚେତନତା ତଥା ଅନ୍ୟାନ୍ୟ ବିଭାଗ ର ଯୋଜନା ସମ୍ପର୍କରେ ସଚେତନ କରାଯିବ ।ବେନ୍ଦେର ଗ୍ରାମରେ ଅନୁଷ୍ଠିତ ହେବାକୁଥିବା ଏହି ପଞ୍ଚାୟତ ଲୋକ ସେବା ଶିବିର ରେ ଜିଲ୍ଲାପାଳ ଙ୍କ ସମେତ ବିଭିନ୍ନ ବିଭାଗ ର ଜିଲ୍ଲା ସ୍ତରୀୟ ଅଧିକାରୀ ମାନେ ଯୋଗଦେବେ । ଶିବିରରେ ସମ୍ପୃକ୍ତ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଗ୍ରାମର ଗ୍ରାମବାସୀ ମାନେ ବହୁ ସଂଖ୍ୟାରେ ଯୋଗଦାନ କରି ବିଭିନ୍ନ ଯୋଜନା ଗୁଡିକର ସୁଯୋଗ ନେବା ପାଇଁ ଅନୁରୋଧ କରାଯାଉଛି । ହିନ୍ଦୁସ୍ଥାନ ସମାଚାର/ ଗୋପବନ୍ଧୁ

## ଚକାପାଦରେ ହିନ୍ଦୀ ଦିବସ ଓ ପକ୍ଷ ପାଳିତ

କନ୍ଧମାଳ ,(ପି.ଏନ): ଚକାପାଦ ବ୍ଲକ ର ଗୁରୁକୁଳ ସଂସ୍କୃତି ମହାବିଦ୍ୟାଳୟ ଚକାପାଦ ଠାରେ ନେହରୁ ଯୁବ କେନ୍ଦ୍ର ଫୁଲବାଣୀ ତରଫରୁ ହିନ୍ଦୀ ଦିବସ ଓ ପକ୍ଷ ପାଳିତ ହୋଇଯାଇଛି । ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଗୁରୁକୁଳ ସଂସ୍କୃତ ମହାବିଦ୍ୟାଳୟ ର ଅଧକ୍ଷ ଡ଼ଃ ପଦ୍ମନାଭ ଡିଗାଲ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ର ସମ୍ମାନିତ ଅତିଥି ଭାବରେ ସାହିତ୍ୟ ଅଧ୍ୟାପକ ଡ଼ଃ ସୂର୍ଯ୍ୟ ନାରାୟଣ ମିଶ୍ର, ଓଡ଼ିଆ ଅଧ୍ୟାପକ ତପନ କୁମାର ପ୍ରଧାନ ଓ ନେହରୁ ଯୁବ କେନ୍ଦ୍ର ଫୁଲବାଣୀ ର ସ୍ୱେଚ୍ଛାସେବୀ ,ସୁଭଦ୍ରା ମଲ୍ଲିକ, ରୀତିମା ବାଘ, ଚନ୍ଦନ ପୃଷ୍ଟି ପ୍ରମୁଖ ଯୋଗ ଦେଇଥିଲେ । ଅନୁଷ୍ଠିତ କାର୍ଯ୍ୟକ୍ରମରେ, ମହାବିଦ୍ୟାଳୟର ଛାତ୍ରଛାତ୍ରୀ ମାନେ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମର ମୁଖ୍ୟ ଲକ୍ଷ ଓ ଉଦେଶ୍ୟ ଥିଲା ହିନ୍ଦୀଭାଷା ଆମର ରାଷ୍ଟ୍ରଭାଷା ଏହା ଭାରତର ସବୁ ରାଜ୍ୟର ଜନସାଧାରଣ ଜାଣନ୍ତି । ହିନ୍ଦୀଭାଷା ଜାଣିଲେ ଆମେ ଭାରତର ଯେ କୌଣସି ସ୍ଥାନକୁ ଯାଇ ଆସିପାରିବା। ଛାତ୍ରଛାତ୍ରୀ ମାନଙ୍କର ମଧ୍ୟରେ ସଂଗୀତ ପ୍ରତିଯୋଗିତା ଅନୁଷ୍ଠିତ ହୋଇ ଥିଲା।

## ପାରାଦୀପ କଳିଙ୍ଗ ବାଲିଯାତ୍ରା ୨୦୨୨ର ପ୍ରସ୍ତୁତି ବୈଠକ




ପାରାଦୀପ,(ପି.ଏନ): ଓଡ଼ିଶାର ନୌବାଣିଜ୍ୟ ର ସ୍ମୃତିଚ଼ାରଣ ଉଦେଶ୍ୟରେ ୧୯୯୨ ମସିହାରେ କାର୍ତ୍ତିକପୂର୍ଣ୍ଣିମା ଦିନ ପାରାଦୀପରେ କଳିଙ୍ଗ ବାଲିଯାତ୍ରା ଆରମ୍ଭ ହୋଇ ୧୯୯୫ ମସିହାରେ ଏହି କାର୍ଯ୍ୟକ୍ରମକୁ ବ୍ୟାପକ କରିବା ଉଦେଶ୍ୟରେ ଜିଲ୍ଲା ପ୍ରଶାସନ ଏହାର ପରିଚ଼ାଳନା ଦାୟିତ୍ୱ ନେଇଥିଲେ । ଏହି ଗଣପର୍ବ ତାର କାୟା ବିସ୍ତାର କରି ଅଧିକ ଆକର୍ଷଣୀୟ ହୋଇଥିବାବେଳେ କରୋନା ମହାମାରୀର ପ୍ରଭାବ ଓ କଟକଣା ପାଇଁ ଏହି ପର୍ବ ଦୀର୍ଘ ୨ ବର୍ଷ ବନ୍ଦ ରହିଥିଲା । ତେବେ କରୋନା କଟକଣା କୋହଳ ହେବାପରେ ବାଲିଯାତ୍ରା କମିଟି ଜିଲ୍ଲାପାଳ ଙ୍କୁ ଅନୁରୋଧ କରିବା ପରେ ଏହି ଯାତ୍ରାକୁ ସବୁଜ ସଂକେତ ମିଳିଥିଲା । ଏହି ପରିପ୍ରେକ୍ଷୀରେ ଗୁରୁବାର ଦିନ ସ୍ଥାନୀୟ ଅଫିସର୍ସ କ୍ଲବ ଠାରେ କଳିଙ୍ଗ ବାଲିଯାତ୍ରା କମିଟିର ପ୍ରଥମ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା କ୍ଷ ବାଲିଯାତ୍ରା କମିଟି ର ଅଧକ୍ଷା ତଥା ଜିଲ୍ଲାପାଳ ପାରୁଲ ପଟଓ୍ୱାରୀ ଙ୍କ ଅଧକ୍ଷତାରେ ଆୟୋଜିତ ଏହି ବୈଠକରେ, ଜଗତସିଂହପୁର ସାଂସଦ ଡା. ରାଜଶ୍ରୀ ମଲ୍ଲିକ, ପାରାଦୀପ ବିଧାୟକ ସମ୍ବିତ ରାଉତରାୟ, ପୌରାଧକ୍ଷ୍ ବସନ୍ତ ବିଶ୍ୱାଳ, ଜିଲ୍ଲାପରିଷଦ ଅଧକ୍ଷ ମନୋଜ ଭୋଇ , ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ନିମାଇଁ ଚ଼ରଣ ସେଠୀ ପ୍ରମୁଖ ଯୋଗଦେଇ ଚ଼ଳିତ ବର୍ଷ ବାଲିଯାତ୍ରା କୁ ଅଧିକ ଆକର୍ଷଣୀୟ ଓ ଶାନ୍ତି ଶୃଙ୍ଖଳା ସହ ଆୟୋଜନ କରିବାକୁ ମତ ରଖିଥିଲେ କ୍ଷ ଏହି କାର୍ଯ୍ୟକ୍ରମକୁ ପାରାଦୀପ ଅତିରିକ୍ତ ଜିଲ୍ଲାପାଳ ତଥା ବାଲିଯାତ୍ରା କମିଟି ର ଉପାଧକ୍ଷ ଡ଼ଃ. କାହ୍ନୁ ଚ଼ରଣ ଧୀର ପରିଚ଼ାଳନା କରିଥିବା ବେଳେ ଏଥିରେ କମିଟିର ସଭ୍ୟବୃନ୍ଦ, ଇଫକୋ, ପିପିଏଲ, ଆର୍ସ ?ଲର ମିତଲ ଅଧିକାରୀଙ୍କ ସମେତ ବିଭିନ୍ନ ଶିଳ୍ପାୟନ, ବ୍ୟବସାୟୀ, ବୁଦ୍ଧିଜୀବୀ, ଅନୁଷ୍ଠାନ ଓ ଗଣମାଧ୍ୟମ ପ୍ରତିନିଧିମାନେ ଯୋଗ ଦେଇଥିଲେ । ତେବେ ଚ଼ଳିତ କଳିଙ୍ଗ ବାଲିଯାତ୍ରା ଆରମ୍ଭ ହୋଇଥିବାରୁ ସାଧାରଣରେ ଉତ୍ସାହ ଓ ଉଦ୍ଦୀପନା ସୃଷ୍ଟି ହୋଇଛି କ୍ଷ ଏବଂ ଏଥିପାଇଁ ବାଲିଯାତ୍ରା କମିଟି ଓ ଜିଲ୍ଲାପାଳ ଙ୍କ ଉଦ୍ୟମକୁ ଉଚ୍ଚ ପ୍ରଶଂସା କରାଯାଇଛି ।




Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray